আমর প্রতিবদ্ধতা

ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE-16 ♦ CUTTACK ♦ WEEKLY ♦ 20 TO 26 - APRIL 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୧୬ ♦ କଟକ ♦ ସାପ୍ତାହିକ ♦ ୨୦ ରୁ ୨୬ - ଏପ୍ରିଲ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


## ମହିଳା ସଂରକ୍ଷଣ ବିଲ୍‌କୁ ନେଇ ପ୍ରଧାନମନ୍ତ୍ରୀ କଠୋର



**ନୂଆଦିଲ୍ଲୀ(ଏଜେନ୍ସି):** ଲୋକସଭାରେ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍-୨୦୨୬ ଧରାଶାୟୀ ହେବା ପରେ ଦେଶର ରାଜନୈତିକ ବାତାବରଣ ସରଗରମ ହୋଇଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଉଦ୍ବୋଧନ ଦେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ଭାରତର ନାରୀ ଶକ୍ତି ବିରୋଧରେ ବିରୋଧୀ ଦଳଙ୍କ ଏକ ଅକ୍ଷମଣୀୟ ପାପ ବୋଲି ଅଭିହିତ କରିଛନ୍ତି। ୨୦୨୯ ସୁଦ୍ଧା ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଆସିଥିବା ଏହି ବିଲ୍‌କୁ ୨୯୮ଟି ସମର୍ଥନ ମିଳିଥିଲେ ହେଁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ (୩୫୨ ଭୋଟ) ମିଳିପାରି ନଥିଲା। ଆଜି ପ୍ରଧାନମନ୍ତ୍ରୀ ବିରୋଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ଏହି ବିଶ୍ୱାସଘାତକତା ପାଇଁ ସେମାନଙ୍କୁ ଦେଶର ମହିଳାମାନେ ଉଚିତ ଦଣ୍ଡ ଦେବେ। ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଅତ୍ୟନ୍ତ ଭାବପ୍ରବଣ ହୋଇ କହିଥିଲେ ଯେ ଏହି ବିଲ୍ର ପରାଜୟ କେବଳ ଏକ ବୈଷୟିକ ବିଫଳତା ନୁହେଁ, ବରଂ ଏହା ମହିଳାଙ୍କ ମର୍ଯ୍ୟାଦା ପ୍ରତି ବିଶ୍ୱାସଘାତକତା। ମହିଳାମାନେ ଅନେକ କଥା ଭୁଲିଯାଇ ପାରନ୍ତି, କିନ୍ତୁ ସେମାନେ ନିଜର ଅପମାନକୁ କେବେ ବି ଭୁଲିବେ ନାହିଁ। ବିରୋଧୀଙ୍କୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏକବିଂଶ ଶତାବ୍ଦୀର ମହିଳାମାନେ ସବୁକିଛି ତୀକ୍ଷ୍ଣ ନଜରରେ ଦେଖୁଛନ୍ତି। ଯେଉଁମାନେ ଏହି ବିଲ୍‌କୁ ବିରୋଧ କରି ମହିଳାଙ୍କ ସ୍ୱପ୍ନକୁ ଚୂରମାର କରିଛନ୍ତି ସେମାନଙ୍କୁ ଏହି ପାପ ପାଇଁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଆମେରିକାକୁ ଚେତାବନୀ ଦେଲା ଇରାନ
## ସାମାନ୍ୟତମ ଭୁଲ୍ କଲେ ମିଳିବ କଡ଼ା ଜବାବ

**ତେହେରାନ(ଏଜେନ୍ସି):** ଇରାନ ଆମେରିକାକୁ ଏକ ଭୟଙ୍କର ଚେତାବନୀ ଦେଇ କହିଛି, ଯଦି ଚାଲିଥିବା ଅସ୍ତ୍ରବିରତି ଆଲୋଚନା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଏ ତେବେ ବ୍ୟାପକ ଶକ୍ତି ସହିତ କଡ଼ା ଜବାବ ଦିଆଯିବ। ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ କହିଛନ୍ତି, ଆମ ଦେଶ ଯେ କୌଣସି ସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ। ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଯଦି ସେମାନେ ସାମାନ୍ୟତମ ଭୁଲ୍ କରନ୍ତି, ତେବେ ଆମେ କଡ଼ା ଜବାବ ଦେବୁ। ତୃତୀୟ ଥର ପାଇଁ ହେବାକୁଥିବା ଯୁଦ୍ଧରେ ଆକ୍ରମଣାତ୍ମକ କ୍ଷମତାରେ ଆମେ ନିଶ୍ଚିତ ଭାବରେ



ଅତୀତଠାରୁ ଅଧିକ ଉପରେ ରହିଛୁ। ଆମେ ଯୁଦ୍ଧଭୂମିରେ ଆମର କ୍ଷମତା ସମ୍ପର୍କରେ ଜାଣିପାରିଛୁ। ଆମେରିକାର ସାମରିକ ଶ୍ରେଷ୍ଠତାକୁ ସ୍ୱୀକାର କରିବା ସତ୍ତ୍ୱେ ଇରାନର ସୁଦୃଢ଼ କ୍ଷମତା ବିଷୟରେ ସେ କହିଛନ୍ତି। ଆମେରିକୀୟ ସୈନ୍ୟବାହିନୀ ଇରାନୀ ସୈନ୍ୟବାହିନୀ ଅପେକ୍ଷା ଶକ୍ତିଶାଳୀ ବୋଲି ସେ ସ୍ୱୀକାର କରିଛନ୍ତି। ଆମେ ଆମେରିକା ତୁଳନାରେ ସାମରିକ ଭାବରେ ଶକ୍ତିଶାଳୀ ନୁହଁ। ଏହା ସ୍ପଷ୍ଟ ଯେ ସେମାନଙ୍କ ପାଖରେ ଅଧିକ ଟଙ୍କା, ଉପକରଣ ଏବଂ ସମ୍ବଳ ଅଛି, ଏବଂ ସେମାନେ ବିଶ୍ୱବ୍ୟାପୀ ବିଭିନ୍ନ ଆକ୍ରମଣ କରିଥିବାରୁ, ସେମାନଙ୍କର ଆମ ତୁଳନାରେ ଅଧିକ ଅଭିଜ୍ଞତା ମଧ୍ୟ ଅଛି ବୋଲି ସେ କହିଛନ୍ତି। ଗାଲିବାଫ୍ ଇସ୍ରାଏଲକୁ ଅଞ୍ଚଳରେ ଆମେରିକାର ଦାସ ଏବଂ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଏକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅଛି ମତଭେଦ, କିନ୍ତୁ ନାହିଁ ମନାନ୍ତର: ଖାର୍ଗେ ଓ ମୋଦୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ମିଳନ

**ନୂଆଦିଲ୍ଲୀ(ଏଜେନ୍ସି):** ଆମ୍ବେଦକର ଜୟନ୍ତୀ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟାନ୍ୟ ନେତାମାନେ ସଂସଦ ପରିସରରେ ଥିବା 'ପ୍ରେରଣା ସ୍ଥଳ'ରେ ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଭେଟିଛନ୍ତି। ଦୁଇ ବିରୋଧୀ ନେତାଙ୍କ ମଧ୍ୟରେ ଏଭଳି ମୁହୂର୍ତ୍ତ ପ୍ରାୟତଃ ବହୁତ କମ୍ ଦେଖିବାକୁ ମିଳିଥାଏ। ଆମ୍ବେଦକର ଜୟନ୍ତୀରେ



ଖାର୍ଗେ ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଉଷ୍ମ ସାକ୍ଷାତର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖାଯାଉଛି, ପ୍ରଧାନମନ୍ତ୍ରୀ ମୋଦୀ ଆମ୍ବେଦକର ଜୟନ୍ତୀ ପାଳନ ସମୟରେ ସଂସଦ ପରିସରରେ ଥିବା ପ୍ରେରଣା ସ୍ଥଳରେ ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଖାର୍ଗେଙ୍କ ପାଖକୁ ଯାଇ ତାଙ୍କ ସହିତ ହାତ ମିଳାଉଛନ୍ତି। ଭିଡିଓରେ ଖାର୍ଗେଙ୍କୁ ଦେଖିଲେ ଏହା ଜଣାପଡୁଛି ଯେ ସେ ପ୍ରଧାନମନ୍ତ୍ରୀଙ୍କୁ କିଛି ହାସ୍ୟରସପୂର୍ଣ୍ଣ କଥା କହୁଛନ୍ତି, ଯାହାକୁ ନେଇ ପ୍ରଧାନମନ୍ତ୍ରୀ ମନଖୋଲି ଜୋରରେ ହସୁଛନ୍ତି।ସାଧାରଣତଃ, ବିରୋଧୀ ଦଳର ନେତାମାନେ ପରସ୍ପରକୁ କଡ଼ା ସମାଲୋଚନା କରୁଥିବାର ଦେଖାଯାଇଥାଏ। କିନ୍ତୁ ଯେତେବେଳେ ବିରୋଧୀ ଦଳର ନେତାମାନେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅପହୃତ ଜମି ବ୍ୟବସାୟୀଙ୍କ ମୁକ୍ତି ପାଇଁ ୨ କୋଟି ଦାବି: ଟଙ୍କା ନଦେଲେ ହତ୍ୟା ଧମକ

**ବ୍ରହ୍ମପୁର (ଏନ୍.ଏମ୍.):** ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର ଗ୍ରାମର ଜମି ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କୁ ଅପହରଣ ଘଟଣାକୁ ୪୮ ଘଣ୍ଟା ବିତିଛି। ଏହା ମଧ୍ୟରେ ଅପହର୍ତ୍ତା ୨ କୋଟି ଟଙ୍କା ବଦଳରେ ତାଙ୍କୁ ମୁକୁଳାଇବାକୁ ସର୍ତ୍ତ ରଖିଥିବା ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବ୍ରହ୍ମପୁର ଓ ଗଞ୍ଜାମ ପୁଲିସର ୯ଟି ସ୍ୱତନ୍ତ୍ର ଟିମ୍ ସୁଧୀରଙ୍କ ସନ୍ଧାନରେ



ଲାଗିଥିଲେ ମଧ୍ୟ ସଫଳତା ମିଳିନାହିଁ। ଅନ୍ୟପଟେ ଗତକାଲି ରୁଜୁ ହୋଇଥିବା ନିଖୋଜ ମାମଲା ୧୮/୨୬ ଆଜି ଅପହରଣ ମାମଲାରେ ରୂପାନ୍ତରିତ କରିଛି ପୁଲିସ। ସୁଧୀରଙ୍କ ପତ୍ନୀ ରଶ୍ମିତା କୁମାରୀ ପାତ୍ରଙ୍କ ଅଭିଯୋଗ ଅନୁସାରେ ଗୋପାଳପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରଶ୍ମିତାଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ପଞ୍ଚଭୂତରେ ଲୀନ ହେଲେ କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ



**ମୁମ୍ବାଇ(ଏନ୍.ଏମ୍.):** ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ତାଙ୍କ ପୁଅ ଆନନ୍ଦ ଭୋସଲେ ମୁଖାଗ୍ନି ଦେଇଛନ୍ତି। ସେ ଏପ୍ରିଲ ୧୨ ତାରିଖରେ ୯୨ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ କିଛି ମାସ ଧରି ଅସୁସ୍ଥ ଥିଲେ ଏବଂ ବହୁ ଅଙ୍ଗ ଅଚଳ ଯୋଗୁଁ ତାଙ୍କର ଦେହାନ୍ତ ହୋଇଛି। ଆଜି ମୁମ୍ବାଇ ସ୍ଥିତ ଶିବାଜୀ ପାର୍କରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ଅନେକ ରାଜନେତା, ଅଭିନେତ୍ରୀ ଓ ଅଭିନେତା ଆଜି ତାଙ୍କର ଶେଷ ଦର୍ଶନ କରିଛନ୍ତି। ସମସ୍ତଙ୍କ ଆଖିରେ ଗଭୀର ଦୁଃଖ ଓ ଲୁହ ଥିଲା। ଆଶାଙ୍କ ପରଲୋକରେ ବଲିଉଡ ଠାରୁ ଆରମ୍ଭ କରି ରାଜନୀତି ଜଗତ ପର୍ଯ୍ୟନ୍ତ ଶୋକର ଛାୟା ଖେଳି ଯାଇଛି। ଶ୍ୱାସକ୍ରିୟାଜନିତ ସମସ୍ୟା ଏବଂ ହୃଦଘାତ ପରେ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାରା ବିଶ୍ୱର ପ୍ରଶଂସକମାନେ ତାଙ୍କ ସୁସ୍ଥତା ପାଇଁ ପ୍ରାର୍ଥନା କରୁଥିଲେ। କିନ୍ତୁ ରବିବାର ଦିନ ଏହି ଗାୟିକାଙ୍କ ଦେହାନ୍ତ ହୋଇଯାଇଛି। କୁହାଯାଉଛି ଯେ ତାଙ୍କର ମଲ୍ଟି ଅର୍ଗାନ୍ ଫେଲ୍ୟର ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ବିଜେପି ନେତା ଆଶିଷ ଶେଲାର ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି। ହିନ୍ଦୀ ସିନେମା ଜଗତରେ ୭ ଦଶନ୍ଧିରୁ ଅଧିକ ସମୟ ଧରି ଲମ୍ବା କ୍ୟାରିଅରରେ, ସେ ହଜାର ହଜାର ଗୀତରେ କଣ୍ଠସ୍ୱର ଦେଇଛନ୍ତି। ଆଶା ଭୋସଲେ ୧୦ ରୁ ଅଧିକ ଭାଷାରେ ଗୀତ ଗାଇ ୨୦୦୮ ରେ ପଦ୍ମଭୂଷଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଉଗ୍ରବାଦୀ ସଂଗଠନକୁ ଶକ୍ତ ଝଟକା: ଝାଡ଼ଖଣ୍ଡରେ ୪ଜଣ ସଦସ୍ୟ ନିପାତ



**ରାଞ୍ଚି (ଏଜେନ୍ସି):** ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାର ପିପରୱାର-କେରେଡାରୀ ଅଞ୍ଚଳସ୍ଥିତ ଖପିଆ ଜଙ୍ଗଲରେ ଶୁକ୍ରବାର ସୁରକ୍ଷା ବାହିନୀ ଏବଂ ଟିଏସ୍ପିସି (ଝଝଚଡ) ଉଗ୍ରବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ସୁରକ୍ଷା ବାହିନୀର ଯବାନମାନେ ଉଗ୍ରବାଦୀଙ୍କ ବିରୋଧରେ କଡ଼ାକାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନରେ ଉଗ୍ରବାଦୀ ସଂଗଠନର ୪ଜଣ ସଦସ୍ୟ ନିପାତ ହୋଇଛନ୍ତି। ନିପାତ ହୋଇଥିବା ଉଗ୍ରବାଦୀଙ୍କ ମଧ୍ୟରେ ସଂଗଠନର ଜୋନାଲ୍ କମାଣ୍ଡର ଏବଂ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଶାହଦେବ ମଧ୍ୟ ସାମିଲ ଅଛି, ଯାହାକୁ ସୁରକ୍ଷା ବାହିନୀର ଯବାନମାନେ ଦୀର୍ଘଦିନରୁ ଖୋଜୁଥିଲେ। ପୁଲିସକୁ ସୂଚନା ମିଳିଥିଲା ଯେ, ଟିଏସ୍ପିସିର ଉଗ୍ରବାଦୀମାନେ ଏକ ବଡ଼ଧରଣର ଷଡ଼ଯନ୍ତ୍ର କରୁଛନ୍ତି। ଏଥି ପାଇଁ ସେମାନେ ଖପିଆ କୋଟି ଝରଣା ଅଞ୍ଚଳରେ ଏକତ୍ର ହୋଇଥିଲେ। ଏହି ସୂଚନା ଆଧାରରେ କୋବ୍ରା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଚୌଦ୍ୱାର କାରାଗାରରେ କଏଦୀଙ୍କ ଗହଣା ଗାଏବ ଘଟଣା
## ସିସିଟିଭି ଫୁଟେଜରୁ ମିଳିଲା ତଥ୍ୟ: ଜେଲ ୱାର୍ଡ଼ରଙ୍କୁ ଗିରଫ

**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ଜେଲ ଭିତରୁ ଗହଣା ଗାଏବ ଘଟଣାର ପର୍ଦ୍ଦାଫାସ ହୋଇଛି। ଯାହାକୁ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଥିଲା ଚୌଦ୍ୱାର ମଣ୍ଡଳ କାରାଗାର। ଏପରିକି କାରାଗାର ସୁପରିଟେଣ୍ଡେଣ୍ଟ ଏବଂ ପୂର୍ବତନ ଜେଲରଙ୍କ ଭିତରେ ଏକ ପ୍ରକାର କାଦୁଅ ଫିଙ୍ଗା ରାଜନୀତି ମଧ୍ୟ




ଆରମ୍ଭ ହୋଇ ଯାଇଥିଲା। ଏହି କାରାଗାରରେ ବିଚାରବିଭାଗୀୟ ହାଜତରେ ଥିବା ଜଣେ ମହିଳା ବନ୍ଦୀଙ୍କ ଠାରୁ କାରାଗାର କର୍ତ୍ତୃପକ୍ଷ ନିଜ ହେପାଜତରେ ରଖିଥିବା ସୁନାଅଳଙ୍କାର ହଠାତ ଗାଏବ ହୋଇ ଯାଇଥିଲା। ବନ୍ଦୀଜଣକ ଯେତେବେଳେ ଜାମିନ ପାଇଲେ ସେତେବେଳେ ତାଙ୍କ ସୁନାଗହଣା ଫେରାଇବା ବେଳେ ଅଡୁଆରେ ପଡ଼ିଯାଇଥିଲେ କାରାଗାର କର୍ତ୍ତୃପକ୍ଷ। ତାଙ୍କ ଗହଣା ହଠାତ ଗାଏବ ହୋଇଯିବା ଘଟଣାକୁ ସହଜରେ କେହି ଗ୍ରହଣ କରିପାରୁନଥିଲେ ମଧ୍ୟ ପୂର୍ବତନ ଜେଲର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଭିତରେ କାଦୁଅ ଫିଙ୍ଗା ରାଜନୀତି ଆରମ୍ଭ ହୋଇଯାଇଥିଲା। ତେବେ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ନିଜର ଭାବମୂର୍ତ୍ତି ରକ୍ଷା କରିବା ନିମନ୍ତେ ଉକ୍ତ ମହିଳାବନ୍ଦୀଙ୍କୁ ଗହଣା ବାବଦ ଟଙ୍କା ମଧ୍ୟ ଦେଇଥିଲେ। ମାତ୍ର ଗାଏବ ହୋଇଥିବା ସୁନା ଗହଣା ସମ୍ପର୍କରେ ସିସିଟିଭି ଫୁଟେଜରୁ ଯେଉଁ ତଥ୍ୟ ମିଳିଲା ତାହା ସମସ୍ତଙ୍କୁ ଚକିତ କରି ଦେଇଛି। ଉକ୍ତ କାରାଗାରର କାର୍ଯ୍ୟରତ ଜଣେ ୱାଡ଼ର ଉକ୍ତ ସୁନାଗହଣାକୁ ଚୋରାଇ ନେବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଜଣାପଡ଼ିବା ପରେ ଏ ନେଇ ଚୌଦ୍ୱାର ଥାନା ପୁଲିସ ଗହଣା ଚୋରି ଘଟଣାରେ କଟକ ଜିଲ୍ଲା ମାହାଙ୍ଗା ଥାନା ଶୁକ୍ଲେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତିଙ୍କ ଅଭିଯୋଗ ଆଧାରରେ କେସ ନମ୍ବର ୭୧/୮-୨-୨୦୨୬ ରୁଜୁକରି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅବହେଳିତ ଐତିହ୍ୟ କୀର୍ତ୍ତିରାଜୀ
## ବ୍ରିଟିସ୍ ଶୈଳୀର ମିନାର ହୁକିଟୋଲାର ବତୀଘର

**କେନ୍ଦ୍ରାପଡ଼ା(ଏନ୍.ଏମ୍.):** ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଠିକ୍ ୧୦୦ ବର୍ଷ ପୂର୍ବରୁ ଏହି ବତୀଘର ନିର୍ମାଣ ହୋଇଥିଲା। କେନ୍ଦ୍ରାପଡ଼ାରୁ ୫୫ କିଲୋମିଟର୍ ଦୂର ମହାକାଳପଡ଼ା। ତା'ର ଅଳ୍ପ ଦୂରରେ ରାମନଗର ଓ ଖରିନାସି। ବଙ୍ଗୋପସାଗରର ବିସ୍ତୀର୍ଣ୍ଣ ନୀଳ ଜଳରାଶି ସେଇଠି ଭୂମି ଛୁଇଁଛି। କୂଳକୁ ଲାଗିଛି ଦୀର୍ଘଦେହୀ ହେନ୍ତାଳ ବଣ। କିଛିବାଟ ପରେ ଦେବୀ ରାମଚଣ୍ଡୀଙ୍କ ପୀଠ। ପାଖରେ ମହାନଦୀ ମୁହାଣ। ଏହି ମୁହାଣରୁ ଜଳପଥରେ ଗଲେ ପ୍ରାୟ ୧୫ କିଲୋମିଟର୍ ଦୂର ହୁକିଟୋଲାରେ ନିଜ ଅସ୍ତିତ୍ୱ ଜାହିର କରୁଛି ଏହି ପ୍ରାଚୀନ କୀର୍ତ୍ତି। ଜାଣିବା ଶୁଣିବା ଲୋକ କହନ୍ତି, ଏକଦା ହୁକିଟୋଲା ବୋଲି କୌଣସି ସ୍ଥାନ ନଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ଅଞ୍ଚଳକୁ କାଉଡ଼ିଆ ଦ୍ୱୀପ କୁହାଯାଉଥିଲା। ପୁଣି ଲୋକମୁଖରୁ ଶୁଣିବାକୁ ମିଳେ, ଏହି ଅଞ୍ଚଳରେ ଦିନେ କୁଜଙ୍ଗ ରାଜା ପାରିଧି କରୁଥିଲେ। ସେଠାରେ ୧୮୩୭ ମସିହାରେ ପ୍ରଥମେ ଇଂରେଜମାନେ ବତୀଘର ନିର୍ମାଣ କରିଥିଲେ ଏବଂ ପରେ ଆବଶ୍ୟକତା ଦୃଷ୍ଟିରୁ ୧୮୬୬-୬୭ରେ ଏକ ବନ୍ଦର ନିର୍ମାଣ କରିଥିଲେ, ଯାହା ୧୮୮୫ ମସିହା ସେପ୍ଟେମ୍ବର ୨୨ ତାରିଖର ଏକ ପ୍ରଳୟଙ୍କରୀ ବାତ୍ୟାରେ ଏହା ମାଟିରେ ମିଶି ଯାଇଥିଲା। ଏହାର



ମୂକସାକ୍ଷୀ ଭାବେ ଛିଡ଼ାହୋଇଛି ହୁକିଟୋଲାର ବିଶାଳ ବତୀଘର। ଯେଉଁ ସ୍ଥାନରେ ବନ୍ଦର ତିଆରି ହୋଇଥିଲା, ତାହାକୁ 'ଫଲ୍ସ ପଏଣ୍ଟ' ବା ଭ୍ରମାତ୍ମକ ଠିକଣା କୁହାଯାଉଥିଲା, କାରଣ ବଙ୍ଗୋପସାଗରରେ ଆସୁଥିବା ଜାହାଜଗୁଡ଼ିକ 'ପଏଣ୍ଟ ପଲ୍ମିରାସ୍' ଭାବି ସେଠାକୁ ଚାଲିଆସୁଥିଲେ। ଇତିହାସ ଅନୁସାରେ, ୧୮୩୬ ମସିହା ଡିସେମ୍ବର ୬ ତାରିଖରେ ଏହାର ନିର୍ମାଣ ଆରମ୍ଭ ହୋଇ ୧୮୩୭ ମସିହା ଅକ୍ଟୋବର ୧୬ରେ ବତୀଘର ଆଲୋକିତ ହୋଇଥିଲା। ତେବେ ବନ୍ଦରଟି କେବଳ ପୁସ୍ତକର ପୃଷ୍ଠାରେ ସୀମିତ। ଏ ସମ୍ପର୍କରେ ଋଷିରାଜ ପଟ୍ଟନାୟକ ଏକ ଆଲେଖ୍ୟରେ ଲେଖିଛନ୍ତି ଯେ, 'ଏହା ହେଉଛି ଭାରତର ସର୍ବପୁରାତନ ବତୀଘର, ଯାହା ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଥିବା ବତୀଘରର ସମସାମୟିକ। ତତ୍କାଳୀନ ଇଷ୍ଟ୍ ଇଣ୍ଡିଆ କମ୍ପାନିର ଜାହାଜଗୁଡ଼ିକ କଲିକତା ଯିବା ସମୟରେ ଏହି ନଦୀ ମୁହାଣ ନିକଟରେ ବାଟବଣା ହେଉଥିବାରୁ କମ୍ପାନି ପକ୍ଷରୁ ୧୮୩୦ ମସିହାରେ ଏଠାରେ ଏକ ଲାଇଟ୍ ହାଉସ୍ ବା ବତୀଘର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।' ଏଠାକାର ଜମିର ମାଲିକାନା ବର୍ତ୍ତମାନ ରାଜାଙ୍କର ହୋଇଥିବାରୁ ଇଷ୍ଟ୍ ଇଣ୍ଡିଆ କମ୍ପାନିର ଅନୁରୋଧକ୍ରମେ ରାଜା କୁଆଡ଼େ ଜମି ଉପହାର ଦେଇଥିଲେ। ୧୮୭୪ରୁ କଟକର ମାଜିଷ୍ଟ୍ରେଟ୍ ତଥା କଲେକ୍ଟର୍ ଥିବା ଇଂରେଜ ବିଦ୍ୱାନ୍ ଜନ୍ ବିମ୍ସ ତାଙ୍କ ସ୍ମୃତିକଥା 'ମେମୟର୍ସ ଅଫ୍ ଏ ବେଙ୍ଗଲ୍ ସିଭିଲିଏନ୍' ପୁସ୍ତକରେ ହୁକିଟୋଲା ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। 'କଟକ, ୧୮୭୫-୧୮୭୭' ଅଧ୍ୟାୟରେ ସେ ଏହାର ନାମକରଣ ଓ ନିର୍ମାଣ ସମ୍ପର୍କରେ କେତେକ କୌତୂହଳପୂର୍ଣ୍ଣ ଘଟଣା ବର୍ଣ୍ଣନା କରିଛନ୍ତି। ୧୮୬୬ର ନଅଙ୍କ ଦୁର୍ଭିକ୍ଷ ସମୟରେ ଖାଦ୍ୟାଭାବରୁ ଲୋକେ ପୋକମାଛି ପରି ପ୍ରାଣ ହରାଇଥିଲେ। ଏହାର ପ୍ରମୁଖ କାରଣ ଥିଲା, ଜାହାଜରେ ଖାଦ୍ୟଶସ୍ୟ ଅଣାଗଲେ ମଧ୍ୟ ଠିକ୍ ଜାଗାରେ ପହଞ୍ଚିବା ସମ୍ଭବ ନଥିଲା। ବନ୍ଦର ଓ ସାମଗ୍ରୀ ମହଜୁଦ ରଖିବା ଆବଶ୍ୟକ ହେଉଥିବା ବେଳେ ତତ୍କାଳୀନ ଇଞ୍ଜିନିୟରମାନେ ବଙ୍ଗୋପସାଗର ଓ ମହାନଦୀ ମୁହାଣରେ ଥିବା ଫଲ୍ସ ପଏଣ୍ଟ୍ ଉପରେ ନଜର ରଖିଥିଲେ। ଏହି ସମୟରେ କମିସନର୍ ରେଭେନ୍ସା, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର୍ ଜେ.ଏଚ୍. ୱାନର୍ ଓ କଲେକ୍ଟର୍ ମାକଫର୍ସନ୍ ପ୍ରମୁଖ ବର୍ତ୍ତମାନର ଫଲ୍ସ ପଏଣ୍ଟ୍

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଦୁଇ ନାବାଳିକା ଉଦ୍ଧାର
## ଅପରାଧୀଙ୍କ ଚରାଭୂଇଁ ପାଲଟିଛି ପୁରୀ

**ପୁରୀ(ଏନ୍.ଏମ୍.):** ବିଭିନ୍ନ ଅପରାଧୀଙ୍କ ଚରାଭୂଇଁ ପାଲଟି ଯାଇଛି ପୁରୀ। ଏଠାକୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାବେଳେ ନିଜର ଅପରାଧ ସାମ୍ରାଜ୍ୟକୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଅପରାଧୀ ଭାବୁଛନ୍ତି। ଯାହା ଫଳରେ ପୁରୀ ଭଳି ଗୋଟିଏ ସମ୍ବେଦନଶୀଳ ଅଞ୍ଚଳରେ ବହୁ ସ୍ଥାନୀୟ ଯୁବକମାନେ ବେଆଇନ ସଂସ୍ଥା କରି ମଧ୍ୟ ଅନୈତିକ କାର୍ଯ୍ୟ ଚଳାଉଥିବା ଭଳି ଅଭିଯୋଗ ଉଠିଛି। ତେବେ ପୁରୀ ପ୍ରଶାସନର ଅପାରଗତାର ସୁଯୋଗ ନେଇ ଏଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟ ଚାଲୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରୁ ଅପହରଣ କରାଯାଇ ପୁରୀର ବିଭିନ୍ନ ହୋଟେଲରେ ସେମାନଙ୍କୁ ବଳାତ୍କାର କରାଯିବା ଭଳି ଜଘନ୍ୟ ଘଟଣା ମଧ୍ୟ ଦୃଷ୍ଟିକୁ ଆସୁଛି। ତେବେ ପୁରୀ ପୁଲିସଙ୍କ ଦ୍ୱାରା ଦୁଇଟି ଭିନ୍ନ ମାମଲାରେ ହଜି ଯାଇଥିବା ନାବାଳିକାଙ୍କୁ ସଫଳତାର ସହିତ ଉଦ୍ଧାର କରାଯାଇଛି। ପ୍ରଥମ ଘଟଣାରେ, ବ୍ରହ୍ମଗିରି ଥାନା ଅଧୀନ ନିଳକଣ୍ଠପୁର ଗ୍ରାମର ଜଣେ ୧୫ ବର୍ଷ ବୟସ୍କ ନାବାଳିକା ହଜି ଯାଇଥିବା ସମ୍ପର୍କରେ ବ୍ରହ୍ମଗିରି ଥାନା କେସ୍ ନମ୍ବର ୧୫୯/୨୦୨୬ ରେ ମାମଲା ରୁଜୁ କରାଯାଇଥିଲା। ପୁଲିସର ତତ୍ପର ତଦନ୍ତ ଓ ସନ୍ଧାନ ଅଭିଯାନରେ ଉକ୍ତ ନାବାଳିକାଙ୍କୁ ଆଜି ଉଦ୍ଧାର କରାଯାଇଛି। ଦ୍ୱିତୀୟ ଘଟଣାରେ, କଣାସ ଥାନା କେସ୍ ନମ୍ବର ୯୧/୨୬ ସମ୍ପର୍କିତ ଜଣେ ପୀଡିତାଙ୍କୁ ମଧ୍ୟ ପୁଲିସ ଦ୍ୱାରା ସଫଳତାର ସହିତ ଉଦ୍ଧାର କରାଯାଇଛି। ଏହି ମାମଲାରେ ମଧ୍ୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଓ ସଠିକ ତଦନ୍ତ ଫଳରେ ପୀଡିତାଙ୍କୁ ନିରାପଦ ଭାବେ ଫେରାଇ ଆଣାଯାଇଛି। ଉଦ୍ଧାର ପରେ ଉଭୟ ନାବାଳିକାଙ୍କୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଅନୁସାରେ ଚିକିତ୍ସା ପରୀକ୍ଷା ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଇଛି। ସେମାନଙ୍କୁ ସୁରକ୍ଷିତ ଭାବେ ପରିବାର ସଦସ୍ୟଙ୍କ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ଗ୍ରହଣ ହେଉଛି। ପୁରୀ ପୁଲିସ ନାଗରିକଙ୍କ ସୁରକ୍ଷା ଓ ନାବାଳିକାଙ୍କ ସୁରକ୍ଷା ପ୍ରତି ସଦା ସଚେତନ ଓ ପ୍ରତିବଦ୍ଧ ରହିଛି। ତେବେ ପୁରୀରେ ଏସବୁ ରୋକିବା ପାଇଁ ପୁଲିସ ଓ ଜିଲ୍ଲାପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

ସୋମବାର, ୨୦ ରୁ ୨୬ ଏପ୍ରିଲ,୨୦୨୬
ନିଷ୍କର୍ଷ
NISHKARSHA



# ବଲିଉଡ୍ ଓ ସାଉଥ ଫିଲ୍ମରେ ଜଲୱା ଦେଖାଉଛନ୍ତି ବବି ଦେଓଲ




**ମୁମ୍ବାଇ(ଏଜେନ୍ସି):** 'ଆନିମଲ୍'ର ସଫଳତା ପରଠାରୁ, ବବି ଦେଓଲ୍ ବଲିଉଡ୍ ଏବଂ ସାଉଥ୍ ଉଭୟ ଫିଲ୍ମରେ ନିରନ୍ତର ସକ୍ରିୟ ଅଛନ୍ତି । ସେ ଅନେକ ପ୍ରମୁଖ ଫିଲ୍ମର ଅଂଶ ହୋଇଛନ୍ତି । ତାଙ୍କର ଆହୁରି ଅନେକ ବଡ଼ ବଡ ପ୍ରୋଜେକ୍ଟ ମଧ୍ୟ ପାଇପଲାଇନରେ ଅଛି । କିନ୍ତୁ, ଏକ କଷ୍ଟକର ସମୟରେ, ବବି ମଦ୍ୟପାନରେ ନିଶାଗ୍ରସ୍ତ ହୋଇଯାଇଥିଲେ । ଏହା ତାଙ୍କ ପରିବାର ଏବଂ ସମ୍ପର୍କକୁ ପ୍ରଭାବିତ କରିବାକୁ ଲାଗିଲା । ତଥାପି, ବବି ଖୁବ ଶୀଘ୍ର ତାଙ୍କର ଭୁଲ ବୁଝିପାରିଥିଲେ ଏବଂ ଏହି ନିଶା ଅଭ୍ୟାସକୁ ଛାଡିଦେଲେ । ବର୍ତ୍ତମାନ ବବି ସେହି ସମୟକୁ ମନେ ପକାଇଛନ୍ତି ଏବଂ ଜଣେ ଅଭିନେତାଙ୍କ ପାଇଁ ତାଙ୍କ ଚେହେରା ଏବଂ ଶରୀର କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ କହିଛନ୍ତି । ଏକ ସାକ୍ଷାତକାରରେ, ବବି କହିଛନ୍ତି, 'ଜଣେ ଅଭିନେତା ପାଇଁ, ଶରୀର ଏବଂ ଚେହେରା ହେଉଛି ଏପରି ଜିନିଷ ଯାହାକୁ ବିକ୍ରି କରାଯାଏ । ମୁଁ ଏସବୁ ସହିତ ଖେଳି ପାରିବି ନାହିଁ । ବୟସ ବଢ଼ିବା ସହିତ, ମୁଁ କିଛି ବର୍ଷ ପୂର୍ବ ଅପେକ୍ଷା ଏବେ ଶୀଘ୍ର ଥକି ଯାଉଛି । ମୋତେ ନିଜର ଭଲ ଯତ୍ନ ନେବାକୁ ପଡିବ । ମଦ୍ୟପାନକୁ ନେଇ ସେ କହିଛନ୍ତି, "ମୁଁ ଦେଢ଼ ବର୍ଷ ହେଲା ମଦ୍ୟପାନ କରି ନାହିଁ । ମଦ୍ୟପାନ ଛାଡ଼ିବା ଦ୍ୱାରା ମୋର ହାଲତ ବଦଳି ଯାଇଛି । ବର୍ତ୍ତମାନ ଏହାର ଆବଶ୍ୟକତା ମୋର ଦରକାର ହେଉନି । ପ୍ରକୃତରେ, ମୁଁ ବାରମ୍ବାର ଭାବୁଛି, 'ଆରେ, ଏହା ଏତେ ସହଜ ଥିଲା ? ଦୁଇଟି ଜନ୍ମଦିନ ଏବଂ ଦୁଇଟି ନୂଆ ବର୍ଷ ବିତିଗଲାଣି, କିନ୍ତୁ ମୁଁ ପିଇବା ପାଇଁ ଇଚ୍ଛା ବି କରିନାହିଁ । ଏହା ମୋତେ ଆଶ୍ଚର୍ଯ୍ୟ କରୁଛି ।" ନିଜ ନିଷ୍ପତ୍ତିକୁ ନେଇ ଚିନ୍ତା କରି ବବି ଦେଓଲ କହିଛନ୍ତି ଯେ ତାଙ୍କ ବାପା ଧର୍ମେନ୍ଦ୍ର(ଊଷବକ୍ସ୍ୱଙ୍କରଭୟକ୍ସ୍ୱବ)ଙ୍କୁ ସମାନ ସମସ୍ୟା ସହିତ ସଂଘର୍ଷ କରୁଥିବା ଦେଖିବା ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେ କହିଛନ୍ତି, 'ମୁଁ ଦେଖିଛି ଏହାର ପରିଣାମ କ'ଣ ହୋଇପାରେ । ମଦ୍ୟପାନ ଛାଡିବା ମୋତେ ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତିରେ ଶାରୀରିକ ଏବଂ ଭାବପ୍ରବଣ ଭାବରେ ଉପସ୍ଥିତ ରହିବାରେ ସାହାଯ୍ୟ କରିଛି । ଏହା ମୋ ପରିବାର ସହିତ ମୋର ସମ୍ପର୍କକୁ ସବୁଠାରୁ ଅଧିକ ମଜବୁତ କରିଛି ।' ସେ କହିଛନ୍ତି ସଂଯମତା ତାଙ୍କୁ ଯାହା ଦେଇଛି, ତାହା ହେଉଛି ବର୍ତ୍ତମାନରେ ବଞ୍ଚିବାର ଏକ ଅନୁଭବ । ଏହା ଦ୍ୱାରା ତାଙ୍କ ପରିବାର ସହିତ ତାଙ୍କ ସମ୍ପର୍କ ମଜବୁତ ହୋଇଛି । ସେ ଏବେ ପିଲାମାନଙ୍କ ସହିତ ରାତ୍ରୀଭୋଜନ ଟେବୁଲରେ ଏବଂ ଦୈନନ୍ଦିନ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଅଧିକ ଉପସ୍ଥିତ ରହିପାରୁଛନ୍ତି ବୋଲି କହିଛନ୍ତି ।

# ରାବଣ ଭୂମିକାରେ କନ୍ନଡ ସୁପରଷ୍ଟାର ଯଶଙ୍କର



**ମୁମ୍ବାଇ(ଏଜେନ୍ସି):** 'ରାମାୟଣ' ଫିଲ୍ମ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଏହି ଫିଲ୍ମରେ ରାବଣ ଭୂମିକାରେ ଅଭିନୟ କରୁଥିବା କନ୍ନଡ ସୁପରଷ୍ଟାର ଯଶଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ତାଙ୍କ ଅଭିନୀତ ଚରିତ୍ର ସମ୍ପର୍କର ଏକ ରହସ୍ୟର ଖୁଲାସା କରିଛନ୍ତି । ଏହି ଫିଲ୍ମରେ ତାଙ୍କୁ ରଣବୀର କପୁରଙ୍କ ସହିତ ଦେଖିବାକୁ ମିଳିବ ନାହିଁ ବୋଲି ସେ କହିଛନ୍ତି । "ଆକର୍ଷଣୀୟ ଭାବରେ ଆମେ ଏହି ଫିଲ୍ମରେ ଏକାଠି ଦେଖାଯିବୁ ନାହିଁ । ଏହି ଫିଲ୍ମକୁ ଦୁଇଟି ପାର୍ଟରେ ଦେଖିବାକୁ ପାଇବେ ଦର୍ଶକ । ପ୍ରଥମ ଭାଗରେ, ରାବଣର ନିଜସ୍ୱ ରାଜ୍ୟ ରହିବ ଏବଂ ରାମଙ୍କର ନିଜସ୍ୱ ରାଜ୍ୟ ରହିବ'' ବୋଲି ଯଶ୍ କହିଛନ୍ତି । ଯାହା ଲୋକଙ୍କ ଉତ୍ସାହକୁ ବଢାଇ ଦେଇଛି । ଏପରି ଭାବେ ଫିଲ୍ମ ରିଲିଜ କରିବା ଦ୍ୱାରା ଦର୍ଶକଙ୍କ ପାଇଁ ଏହା ଇଣ୍ଟ୍ରେଷ୍ଟିଂ ରହିବ । ଯଶଙ୍କର ଏହି ଖୁଲାସା ପରେ ଫିଲ୍ମର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି ଦର୍ଶକ । ରାମ ଏବଂ ରାବଣଙ୍କ ମଧ୍ୟରେ ମୁକାବିଲା ଦେଖିବା ପାଇଁ ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିବାକୁ ପଡିବ । ଯଦିଓ ଉଭୟ ଅଭିନେତା ଏହି ଫିଲ୍ମରେ ଏକାଠି ଦେଖାଯାଉନାହାଁନ୍ତି । ତଥାପି ପରଦା ବାହାରେ ସେମାନଙ୍କର ଏକ ଦୃଢ଼ ସମ୍ପର୍କ ରହିଛି । ଏହା ବ୍ୟତୀତ ଯଶ ରଣବୀର କପୁରଙ୍କୁ ପ୍ରଶଂସା କରି ତାଙ୍କୁ ଜଣେ ଚମତ୍କାର ଅଭିନେତା ବୋଲି ବୋଲି ମଧ୍ୟ ସେ କହିଥିଲେ ।

# ଖୁବଶିଘ୍ର ପରଦାକୁ ଆସୁଛି ଫୋର୍ସ-୩




**ମୁମ୍ବାଇ(ଏଜେନ୍ସି):** ବଲିଉଡ୍ ଆକ୍ସନ ହୀରୋ ଜନ୍ ଆବ୍ରାହମଙ୍କ ଫୋର୍ସ ଫ୍ରାଞ୍ଚାଇଜ୍ ବଲିଉଡ୍ର ସବୁଠାରୁ ଲୋକପ୍ରିୟ ଆକ୍ସନ୍-ଥ୍ରୀଲର୍ ସିରିଜ୍ ମଧ୍ୟରୁ ଗୋଟିଏ । ଏହି ଫ୍ରାଞ୍ଚାଇଜ୍ ପ୍ରଥମ ଫିଲ୍ମ 'ଫୋର୍ସ' ସହିତ ଆରମ୍ଭ ହୋଇଥିଲା, ଯାହା ୩୦ ସେପ୍ଟେମ୍ବର, ୨୦୧୧ରେ ମୁକ୍ତିଲାଭ କରିଥିଲା । ଏହା ତାମିଲ୍ ଫିଲ୍ମ 'କାଖା କାଖା'ର ହିନ୍ଦୀ ରିମେକ୍ ଥିଲା । ପ୍ରଥମ ଫିଲ୍ମରେ ଜନ୍ ଆବ୍ରାହମଙ୍କ ସହିତ ଜେନେଲିଆ ଡି'ସୁଜା ଏବଂ ବିଦ୍ୟୁତ୍ ଜାମୱାଲ୍ ଅଭିନୟ କରିଥିଲେ । ଏହି ଫିଲ୍ମଟି ଏହାର ହାଇ-ଅକ୍ଟେନ୍ ଆକ୍ସନ୍ ଏବଂ ଜନ୍ ଆବ୍ରାହମଙ୍କ ଦମଦାର ଅବତାର ପାଇଁ ବହୁତ ପ୍ରଶଂସିତ ହୋଇଥିଲା । 'ଫୋର୍ସ'ରେ ଜନ୍ ଆବ୍ରାହମଙ୍କୁ ଏକ ଶକ୍ତିଶାଳୀ ଆକ୍ସନ୍ ସିକ୍ୱେନ୍ସରେ ଦେଖିବାକୁ ମିଳିଥିଲା । ପ୍ରଥମ ଚଳଚ୍ଚିତ୍ରର ସଫଳତା ପରେ, ଫ୍ରାଞ୍ଚାଇଜ୍ର ଦ୍ୱିତୀୟ ଫିଲ୍ମ ମଧ୍ୟ ସୁପରହିଟ୍ ହୋଇଥିଲା । ଦୁଇଟି ଫିଲ୍ମର ସଫଳତା ପରେ, ଦର୍ଶକମାନେ ବହୁ ଦିନ ଧରି ଜନ୍ ଆବ୍ରାହମଙ୍କ 'ଫୋର୍ସ' ପାଇଁ ଅପେକ୍ଷା କରିଥିଲେ । ଏବେ, ଅଭିନେତା ଶେଷରେ ଅପେକ୍ଷାର ଅନ୍ତ ଘଟାଇ ଫିଲ୍ମର ତୃତୀୟ ଭାଗ ଘୋଷଣା କରିଛନ୍ତି । ସେ ଏହାର ରିଲିଜ୍ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି । ଘୋଷଣାରୁ, ଏହା ସ୍ପଷ୍ଟ ଯେ ଏହା ଏକ ହାଇ-ଅକ୍ଟେନ୍ ଆକ୍ସନ୍ ସିନେମା ହେବ ଯାହା ଏକ ବଡ଼ ସ୍ତରରେ ନିର୍ମିତ ହେବ । 'ଫୋର୍ସ ୩' ଘୋଷଣା କରି ଜନ୍ ଆବ୍ରାହମ୍ ଢ ରେ ଲେଖିଛନ୍ତି, 'ଫୋର୍ସ' ଆସୁଛି ! 'ଫୋର୍ସ-୩' ୧୯ ମାର୍ଚ୍ଚ, ୨୦୨୭ରେ ସିନେମା ହଲରେ ରିଲିଜ୍ ହେବ ।' ଏହି ଫିଲ୍ମରେ ହର୍ଷବର୍ଦ୍ଧନ ରାଣେ, ତାନ୍ୟା ମାଣିକତଲା ଏବଂ ସୂର୍ଯ୍ୟ ଶର୍ମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଆନାଉନ୍ସମେଣ୍ଟ ଭିଡିଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି । ପ୍ରଥମ ଫିଲ୍ମରେ ଜନ୍ ଆବ୍ରାହମ୍ ଏବଂ ଜେନେଲିଆ ଅଭିନୟ କରିଥିଲେ, ଦ୍ୱିତୀୟ ଫିଲ୍ମରେ ସୋନାକ୍ଷୀ ସିହ୍ନା ମୁଖ୍ୟଭୂମିକାରେ ଥିଲେ । ଫୋର୍ସ-୨, ୨୦୧୬ରେ ମୁକ୍ତିଲାଭ କରିଥିଲା । ଏହା ପ୍ରଥମ ଭାଗ ଅପେକ୍ଷା ବଡ଼ ସ୍କେଲରେ ଏବଂ ବିଶ୍ୱସ୍ତରରେ ଅଧିକ ଆକ୍ସନ ଦେଖାଇଥିଲା । ଏନେଇ ଆଶା କରାଯାଉଛି ଯେ ଫୋର୍ସ ୩ ମଧ୍ୟ ଆକ୍ସନରେ ଭରପୂର ହେବ ।

# ଚର୍ଚ୍ଚାରେ ବଲିଉଡ ଅଭିନେତ୍ରୀ କରିନା କାପୁର ଖାନ



**ମୁମ୍ବାଇ(ଏଜେନ୍ସି):** ପୁଣି ଚର୍ଚ୍ଚାରେ ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ । ଷ୍ଟାଡିୟମ୍ ମଝିରେ ପ୍ରବଳ ପାଟି କଲେ କରୀନା । ଯେଉଁ ଖବର ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ତେବେ କାହାକୁ ଗାଳି କଲେ ଆଉ କାହିଁକି ଗାଳି କଲେ ବୋଲି ସବୁଠି ଚର୍ଚ୍ଚା । କରୀନା କପୁରଙ୍କୁ ବଲିଉଡର ସବୁଠାରୁ ଷ୍ଟାଇଲିସ୍ ଏବଂ ବୋଲ୍ଡ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ । କିନ୍ତୁ ଆପଣ କେବେ ବାସ୍ତବ ଜୀବନରେ ଏହି ଅଭିନେତ୍ରୀଙ୍କ ରାଗିବାର ଚେହେରା ଦେଖିଛନ୍ତି କି ? ବର୍ତ୍ତମାନ ଏହା ଭାଇରାଲ ହେବାରେ ଲାଗିଛି । ଓଟଖ ୨୦୨୬ର ସିଜିନ୍ ବର୍ତ୍ତମାନ ଚାଲିଛି ଏବଂ ସମଗ୍ର ପଟୌଦି ପରିବାର - କରୀନା କପୁର, ତାଙ୍କ ଦୁଇ ପୁଅ ତୈମୁର ଏବଂ ଜେହ, ସୈଫ ଅଲ୍ଲୀ ଖାନ ଏବଂ ସାବତ ପୁଅ ଇବ୍ରାହିମ୍ ଅଲ୍ଲୀ ଖାନଙ୍କୁ ନେଇ ମ୍ୟାଚ୍ ଦେଖିବା ପାଇଁ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିଥିଲେ । ଖେଳ ସମୟରେ କରୀନାଙ୍କ ଅନେକ ଫଟୋ ସାମ୍ନାକୁ ଆସିଥିଲା । ଯେଉଁଥିରେ ସେ ମ୍ୟାଚ୍ ଉପଭୋଗ କରୁଥିବା ଦେଖାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମ ସମୟରେ, କରୀନା କପୁର ବହୁତ ଖୁସି ନଜର ଆସିଥିବାର ଦେଖିବାକୁ ମିଳିଛି । କରୀନା କପୁର ଖାନ ତାଙ୍କ ସ୍ୱାମୀ ସୈଫ୍ ଅଲ୍ଲୀ ଖାନ, ପୁଅ ତୈମୁର ଏବଂ ଜେହ ଏବଂ ପୁଅ ଇବ୍ରାହିମ୍ ଅଲ୍ଲୀ ଖାନଙ୍କ ସହିତ ମୁମ୍ବାଇ ଇଣ୍ଡିଆନ୍ସ (MI) ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (RCB) ମ୍ୟାଚ୍ ଦେଖିବାକୁ ଆସିଥିଲେ । ଏହି ମଧ୍ୟରେ ପ୍ରଶଂସକମାନେ ତାଙ୍କ ସମଗ୍ର ପରିବାରକୁ ଲିଫ୍ଟ ପାଖରେ ଘେରି ଯାଇଥିଲେ । ଯାହା ଫଳରେ କରୀନା ମୁହଁରେ ଚିଡ ଚିଡାପଣ ସ୍ପଷ୍ଟ ଭାବରେ ନଜର ଆସୁଥିଲା । କରୀନା ଉତ୍ସାହର ସହିତ ମ୍ୟାଚ୍ ସ୍ଥାନରୁ ବାହାରି ଆସିଥିଲେ । ସେ ଷ୍ଟାଡିୟମ ଭିତରେ ଲିଫ୍ଟ ପାଇଁ ଅପେକ୍ଷା କରିଥିଲେ । କିନ୍ତୁ, ହଠାତ୍ ତାଙ୍କୁ ଦେଖି ପ୍ରଶଂସକଙ୍କ ମାନେ ଘେରିଯାଇଥିଲେ । ଏବଂ ସମସ୍ତେ ଫଟୋ ପାଇଁ ଚିତ୍କାର କରିବାକୁ ଲାଗିଲେ । ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ପ୍ରଶଂସକମାନେ ବ୍ୟକ୍ତିଗତ ସ୍ଥାନ କିମ୍ବା ସୀମାକୁ କୌଣସି ଗୁରୁତ୍ୱ ନଦେଇ କରୀନା ଏବଂ ତାଙ୍କ ସମଗ୍ର ପରିବାର ସହିତ ଫଟୋ ଉଠାଉଛନ୍ତି । ଏପରି ପରିସ୍ଥିତି ଯାହା କରୀନା ଟିକେ ବି ପସନ୍ଦ ଆସିନଥିଲା । ସେ ଘଟଣାସ୍ଥଳରେ ଉପସ୍ଥିତ କର୍ମଚାରୀ କିମ୍ବା ଟିମ୍ କର୍ମଚାରୀଙ୍କ ସହ ମୁହାଁମୁହିଁ ହୋଇଥିଲେ । ଏହି ବିଶୃଙ୍ଖଳିତ ଆଚରଣ ଦେଖି, ସୈଫ ମଧ୍ୟ କହିଲେ, 'ଏଠାରେ କ'ଣ ହେଉଛି ?' ଏହାର କିଛି ସମୟ ପରେ, ସମଗ୍ର ପରିବାର ଶୀଘ୍ର ଲିଫ୍ଟ ଭିତରକୁ ଚାଲିଗଲେ । ଏହି ଘଟଣା ସାରା, କରୀନାଙ୍କ ରାଗ ଜାଗ୍ରତ ହୋଇଗଲା, କାରଣ ଭିଡିଓ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ପ୍ରଶଂସକମାନେ ତାଙ୍କୁ ଅତ୍ୟନ୍ତ ଅସହଜ ଅନୁଭବ କରାଇଥିଲେ । ଏହି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହେଉଛି ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ । ରବିବାର: ଲାଭବାନ ହେବେ ।

**ମିଥୁନ:** ସେମାବାର: ମହତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ । ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ । ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର: ବ୍ୟବସାୟରେ ଲାଭବାନ ହେବେ ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର: ଅଯଥାରେ ସମୟ ଅତିବାହିତ ହେବ ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ । ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ । ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ସ୍ୱାସ୍ଥ୍ୟ ପାଇଁ ତୁଳସୀ

**୧. ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି**

ତୁଳସୀରେ ଭିଟାମିନ୍-ଇ, ଭିଟାମିନ୍-ଉ, କ୍ୟାଲସିୟମ୍ ଏବଂ ଆଇରନ୍ ଭରପୂର ମାତ୍ରାରେ ଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ୩-୪ଟି ତୁଳସୀ ପତ୍ର ଚୋବାଇ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ।

**୨. ଶ୍ୱାସକ୍ରିୟା ଜନିତ ସମସ୍ୟା**

ଥଣ୍ଡା, କାଶ ଏବଂ ଜ୍ୱର ସମୟରେ ତୁଳସୀ ପତ୍ରର ରସ ଅଦା ଏବଂ ମହୁ ସହିତ ମିଶାଇ ପିଇଲେ ଶୀଘ୍ର ଉପସମ ମିଳିଥାଏ । ଏହା ଶ୍ୱାସନଳୀ ଏବଂ ଗଳା ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରେ ।

**୩. ମାନସିକ ଚାପରୁ ମୁକ୍ତି**

ତୁଳସୀରେ ଥିବା ଆଣ୍ଟି-ଷ୍ଟ୍ରେସ ଗୁଣ ମାନସିକ ଚିନ୍ତା ବା ଷ୍ଟ୍ରେସ୍ କମାଇବାରେ ସାହାଯ୍ୟ କରିଥାଏ । ଏହା ମନକୁ ଶାନ୍ତ ରଖେ ଏବଂ ରକ୍ତଚାପ ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ ।

**୪. ହଜମ ପ୍ରକ୍ରିୟାରେ ସହାୟକ**

ତୁଳସୀ ପତ୍ର ସେବନ କଲେ ହଜମ ପ୍ରକ୍ରିୟା ଠିକ୍ ରହେ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳେ । ଏହା ପେଟରେ ଥିବା ଗ୍ୟାସ ସମସ୍ୟାକୁ ମଧ୍ୟ ଦୂର କରେ ।

**୫. ଚର୍ମ ଏବଂ କେଶ ସ୍ୱାସ୍ଥ୍ୟ**

ରକ୍ତ ସଫା କରିବା ପାଇଁ ତୁଳସୀ ଅତ୍ୟନ୍ତ ଉପକାରୀ, ଯାହା ଦ୍ୱାରା ଚର୍ମ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ । ଚର୍ମରେ ହେଉଥିବା ବ୍ରଣ, ଦାଗ କିମ୍ବା କୁଣ୍ଡିଆ ସମସ୍ୟା ପାଇଁ ତୁଳସୀ ପତ୍ରର ବାଟି ଲଗାଇଲେ ଲାଭ ମିଳେ ।

**୬. ଅନ୍ୟାନ୍ୟ ଉପକାରିତା**

ମଧୁମେହ ନିୟନ୍ତ୍ରଣ: ଏହା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । କିଡନୀ ସ୍ୱାସ୍ଥ୍ୟ: ତୁଳସୀ କିଡନୀ ପଥର ବାହାର କରିବାରେ ଏବଂ ୟୁରିକ୍ ଏସିଡ୍ କମାଇବାରେ ସହାୟକ ହୋଇଥାଏ । ଦାନ୍ତ ସମସ୍ୟା: ପାଟିର ଦୁର୍ଗନ୍ଧ ଦୂର କରିବା ଏବଂ ଦାନ୍ତ ଗୁଡ଼ିକୁ ସୁସ୍ଥ ରଖିବାରେ ତୁଳସୀ ସାହାଯ୍ୟ କରେ ।

### ମା'ରାଣ ଦେହକୁ ନେବେନି...

ସିଲିଣ୍ଡର ବିନା ଦୁକାନ ଗୁଡାକ
ହେଲାଣି କେବେଠୁ ବନ୍ଦ..
ଜଳଖିଆ ବିନା ଯାଉଚି ଜଙ୍ଗଲ
ତାଡିକି ଆଣିବି କନ୍ଦ...
ଏ ସରକାର ତ ଅନ୍ଧ...
ଚିରନିଦ୍ରାରେ ଶୋଇଯାଆନ୍ତା କି
ଆରଥରକୁ ନଥାନ୍ତା ଗନ୍ଧ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ବିଟ୍ ରାଇତା



ଆବଶ୍ୟକ ସାମଗ୍ରୀ :
ଦହି- ୨ କପ
କୋରା ଯାଇଥିବା ଓ ସିଝା ହୋଇଥିବା ବିଟ୍ ୨ଟା
ଧନିଆପତ୍ର – କଟା ହୋଇଥିବା
ଲଙ୍କା ଗୁଣ୍ଡ – ଅଳ୍ପ
ଜିରା ଗୁଣ୍ଡ – ଅଳ୍ପ
ଲୁଣ – ସ୍ୱାଦ ଅନୁସାରେ
କଳା ଲୁଣ – ସାମାନ୍ୟ

ପ୍ରସ୍ତୁତି ପ୍ରଣାଳୀ- ପ୍ରଥମେ ଏକ ପାତ୍ରରେ ଦହି ନେଇ ଏହାକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ଏବେ ଏଥିରେ କୋରା ହୋଇଥିବା ବିଟ୍, ଜିରା ଗୁଣ୍ଡ, କଟା ହୋଇଥିବା ଧନିଆପତ୍ର, କଳା ଲୁଣ, ଲୁଣ, ଲଙ୍କା ଗୁଣ୍ଡକୁ ଭଲ ଭାବେ ମିଶାଇ ଦିଅନ୍ତୁ । କିଛି ସମୟ ଏହାକୁ ଫ୍ରିଜ୍ରେ ରଖି ଦିଅନ୍ତୁ । ଇଚ୍ଛା ଅନୁସାରେ ଏଥିରେ ପିଆଜ, ପୁଦିନା ପତ୍ର କିମ୍ବା କାକୁଡି ମଧ୍ୟ ମିଶାଇ ପାରିବେ । ଏହାକୁ ଭାତ, ରୁଟି କିମ୍ବା ପରଟା ସହ ମଧ୍ୟ ଖାଇପାରିବେ ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।**




## ଭାରତ-ଇରାନ ସମ୍ପର୍କ ୫ ହଜାର ବର୍ଷ ପୁରୁଣା

# ହର୍ମୁଜ୍‌ରେ ଭାରତୀୟ ଜାହାଜ ଉପରେ ଗୁଳିଚାଳନା ପ୍ରସଙ୍ଗରେ କହିଲା ତେହେରାନ





**ନୂଆଦିଲ୍ଲୀ/ତେହେରାନ(ଏଜେନ୍ସି):** ହର୍ମୁଜ୍ ପ୍ରଣାଳୀ ନିକଟରେ ଭାରତୀୟ ଟ୍ୟାଙ୍କର୍ଗୁଡ଼ିକୁ ଟାର୍ଗେଟ କରାଯାଇଛି । ଭାରତ ଏହି ପ୍ରସଙ୍ଗରେ ପ୍ରତିବାଦ ପ୍ରକାଶ କରିଛି । ଭାରତରେ ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଡକ୍ଟର ଅବଦୁଲ ମାଜିଦ ହାକିମ ଏଲାହିଙ୍କୁ ଆକ୍ରମଣ ବିଷୟରେ ପଚରାଯିବାରୁ ସେ କହିଛନ୍ତି ସେ ଏପରି କୌଣସି ଘଟଣା ବିଷୟରେ ଜାଣି ନାହାନ୍ତି । ଭାରତ-ଇରାନ ସମ୍ପର୍କ ୫ ହଜାର ବର୍ଷ ପୁରୁଣା । ଦୁଇ ଦେଶ ଗଭୀର ସାଂସ୍କୃତିକ, ଶିକ୍ଷାଗତ ଏବଂ ସଭ୍ୟତାଗତ ସମ୍ପର୍କ ରହିଛି । ଦୁଇଦେଶ ମଧ୍ୟରେ ସମ୍ପର୍କ ବହୁତ ମଜବୁତ । ଆଲୋଚନା ମାଧ୍ୟମରେ ଯେକୌଣସି ସମସ୍ୟାର ସମାଧାନ ହେବ । ଦୁଇ ଦେଶ ମଧ୍ୟରେ ସହଯୋଗ ସ୍ଥିର ଭାବରେ ବୃଦ୍ଧି ପାଉଛି । ଇରାନ ଯୁଦ୍ଧ ଚାହୁଁନାହିଁ, ବରଂ ଶାନ୍ତି ଚାହୁଁଛି । ସେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ସଫଳ ବୋଲି ବର୍ଣ୍ଣନା କରି ଦୁଇ ଦେଶର ନେତାଙ୍କ ମଧ୍ୟରେ ଏକ ଭଲ ବୁଝାମଣା ରହିଥିବା କହିଛନ୍ତି । ଓମାନ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ନିକଟରେ ଦୁଇଟି ଭାରତୀୟ ପତାକାଯୁକ୍ତ ତୈଳ ଟ୍ୟାଙ୍କର୍ ଉପରେ ଗୁଳିଚାଳନା କରାଯାଇଥିଲା । ଜଗ୍ ଅର୍ଣ୍ଣଭ ଏବଂ ସାନମାର ହେରାଲ୍ଡ ନାମକ ଟ୍ୟାଙ୍କର୍ ଇରାକୀୟ ତୈଳ ବୋଝେଇ କରି ଭାରତ ମୁହାଁ ହୋଇଥିଲେ । ଭାରତ ଏହି ଘଟଣାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତରେ ଇରାନ ରାଷ୍ଟ୍ରଦୂତଙ୍କୁ ଡକାଇ ଔପଚାରିକ ପ୍ରତିବାଦ ଜଣାଇଛନ୍ତି । ଇରାନ ରାଷ୍ଟ୍ରଦୂତ ଡକ୍ଟର ମହମ୍ମଦ ଫଥାଲିଙ୍କୁ ଅଧିକାରୀଙ୍କ ସହ ଆଲୋଚନା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଡକାଯାଇଥିଲା ।

# ହର୍ମୁଜ୍ ପ୍ରଣାଳୀକୁ ସମସ୍ତ ଦେଶ ପାଇଁ ଖୋଲା ରଖିବାକୁ ନିବେଦନ କରିଛନ୍ତି ଆଣ୍ଟୋନି ଆଲବାନିଜ୍



**କାନବେରା(ଏଜେନ୍ସି):** ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ହର୍ମୁଜ୍ ପ୍ରଣାଳୀକୁ ସମସ୍ତ ଦେଶ ପାଇଁ ଖୋଲା ରଖିବାକୁ ନିବେଦନ କରିଛନ୍ତି । ଆମେରିକା-ଇରାନ ଯୁଦ୍ଧବିରତି ଆଲୋଚନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବାକୁ ଘୋଷଣା କରିବା ପରେ ଆଲବାନିଜ୍‌ଙ୍କର ଏପରି ବୟାନ ଆସିଛି । ଟ୍ରମ୍ପ ଘୋଷଣା କରିଛନ୍ତି, ଆମେରିକା ନୌସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବ ଯାହା ଦ୍ୱାରା ଜାହାଜଗୁଡ଼ିକ ପ୍ରଣାଳୀରେ ପ୍ରବେଶ ଏବଂ ପ୍ରସ୍ଥାନ କରିପାରିବେ ନାହିଁ । ଏହି କାର୍ଯ୍ୟରେ ଆମେରିକାକୁ ଅଷ୍ଟ୍ରେଲିଆ, ଜାପାନ ଏବଂ ଅନ୍ୟାନ୍ୟ ପ୍ରମୁଖ ଦେଶମାନଙ୍କଠାରୁ ସମର୍ଥନ ମିଳିବ । ତେବେ ଅଷ୍ଟ୍ରେଲିଆ ଏବେ ସ୍ପଷ୍ଟ ଭାବରେ କହିଛି ଯେ, ଆମେ ଇରାନ ବିରୋଧରେ ଏପରି କୌଣସି କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବୁ ନାହିଁ । ଆଲବାନିଜ୍ ସ୍ପଷ୍ଟ କରିଛନ୍ତି, ଏହି ଅବରୋଧରେ ଆମେରିକା ଅଷ୍ଟ୍ରେଲିଆଠାରୁ କୌଣସି ସହାୟତା ପାଇଁ ଅନୁରୋଧ କରିନାହିଁ । ସେମାନେ ନିଜେ ଏହି ନିଷ୍ପତ୍ତି ନେଇଛନ୍ତି ଏବଂ ଆମ ସହିତ ଆଲୋଚନା କରିନାହାନ୍ତି । ସୋମବାର ଦିନ ନାଇନ୍ ନେଟୱର୍କ ଟେଲିଭିଜନକୁ ସେ ଏଭଳି କହିଛନ୍ତି । ଅଷ୍ଟ୍ରେଲିଆ ବିବାଦର ଶୀଘ୍ର ସମାଧାନ ଚାହୁଁଛି । ଅଷ୍ଟ୍ରେଲିଆ ଚାହୁଁଛି, ହର୍ମୁଜ୍ ପ୍ରଣାଳୀ ସମସ୍ତଙ୍କ ପାଇଁ ଖୋଲା ରହୁ ଏବଂ ସମସ୍ତ ଦେଶ ଅନ୍ତର୍ଜାତୀୟ ଆଇନରେ ନିର୍ଦ୍ଦିଷ୍ଟ ଭାବରେ ସ୍ୱାଧୀନତା ଉପଭୋଗ କରନ୍ତୁ ବୋଲି ଆଲବାନିଜ୍ କହିଛନ୍ତି ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ଏବଂ ଉତ୍ତେଜନା ହ୍ରାସ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ହର୍ମୁଜ୍ ପ୍ରଣାଳୀ ଦେଇ ମୁକ୍ତ ନୌଚାଳନା ସୁନିଶ୍ଚିତ କରିବା କେବଳ ଆଞ୍ଚଳିକ ସ୍ଥିରତା ପାଇଁ ନୁହେଁ, ବରଂ ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ଯୋଗାଣ ପାଇଁ ମଧ୍ୟ ଜରୁରୀ । ପ୍ରଣାଳୀ ଅବରୋଧ ହେଲେ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ, ଯାହା ବିଶ୍ୱର ଦେଶଗୁଡ଼ିକୁ ପ୍ରଭାବିତ କରିପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନାକୁ ଆହୁରି ବଢ଼ାଇପାରେ । କାରଣ ହର୍ମୁଜ୍ ପ୍ରଣାଳୀ ବିଶ୍ୱ ତୈଳ ରପ୍ତାନି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ଏବଂ ତୈଳ ବାଣିଜ୍ୟର ଅଧିକାଂଶ ଅଂଶ ଏହି ପ୍ରଣାଳୀ ଦେଇ ଯିବା ଉପରେ ନିର୍ଭର କରେ । ପାକିସ୍ତାନରେ ଆଲୋଚନା ଏକ ଠୋସ୍ ଚୁକ୍ତିରେ ପହଞ୍ଚିବାରେ ବିଫଳ ହେବା ପରେ ଟ୍ରମ୍ପ ଏହି ଏକପାଖିଆ ପଦକ୍ଷେପ ଘୋଷଣା କରିଛନ୍ତି ।

# ଆମେରିକା-ଇରାନ ଆଲୋଚନା ପରେ ପାକିସ୍ତାନ ପାଖରେ ହୋଟେଲ ବିଲ୍ ଦେବାକୁ ପଇସା ନାହିଁ



**ଇସଲାମାବାଦ(ଏଜେନ୍ସି):** ନିଜକୁ ଏକ ପ୍ରଭାବଶାଳୀ ମଧ୍ୟସ୍ଥ ଭାବେ ବିଶ୍ୱ ଦରବାରରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନ ପାଇଁ ଏକ ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି ସୃଷ୍ଟି ହୋଇଛି । ଗତ ଏପ୍ରିଲ ୧୦ରୁ ୧୨ ତାରିଖ ମଧ୍ୟରେ ଇସଲାମାବାଦରେ ଅନୁଷ୍ଠିତ ହୋଇଥିବା ହାଇ-ପ୍ରୋଫାଇଲ୍ ଆମେରିକା-ଇରାନ ଆଲୋଚନା ପରେ, ଆୟୋଜକ ପାକିସ୍ତାନ ସରକାର ନିର୍ଦ୍ଧାରିତ ହୋଟେଲ ବିଲ୍ ପୈଠ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପାକିସ୍ତାନର ଆର୍ଥିକ ଦେବାଳିଆପଣ ଓ ପ୍ରଶାସନିକ ଅକ୍ଷମତାକୁ ବିଶ୍ୱ ସମ୍ମୁଖରେ ପଦାରେ ପକାଇ ଦେଇଛି । ସୂଚନା ଅନୁଯାୟୀ, ଇସଲାମାବାଦର ପ୍ରତିଷ୍ଠିତ 'ସେରେନା ହୋଟେଲ'ରେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଥିଲା । ମାତ୍ର ସମ୍ମିଳନୀ ଶେଷରେ ପାକିସ୍ତାନ ସରକାର ବକେୟା ଅର୍ଥ ଦେଇ ନପାରିବାରୁ ଶେଷରେ ହୋଟେଲ ମାଲିକଙ୍କୁ ନିଜ ପକ୍ଷରୁ ସମସ୍ତ ଖର୍ଚ୍ଚ ଭରଣା କରିବାକୁ ପଡ଼ିଥିଲା । ଯେଉଁ ସମୟରେ ପାକିସ୍ତାନ ନିଜକୁ ଏକ ଶାନ୍ତି ପ୍ରତିଷ୍ଠାକାରୀ ରାଷ୍ଟ୍ର ଭାବେ ଗଢ଼ିବାକୁ ଚେଷ୍ଟା କରୁଛି, ସେହି ସମୟରେ ହୋଟେଲ ବିଲ୍ ଦେଇ ନପାରିବା ଦେଶର କୂଟନୈତିକ ଛବିକୁ ଶକ୍ତ ଧକ୍କା ଦେଇଛି । ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ୍)ର ନଜରବନ୍ଦୀରେ ରହିବା ସହ ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଦେଶରେ ମୁଦ୍ରାସ୍ଫୀତି ୭ ରୁ ୯ ପ୍ରତିଶତ ମଧ୍ୟରେ ରହିଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିବା ପରେ କୂଟନୈତିକ ମହଲରେ ହସର ପାତ୍ର ହୋଇଛି ପାକିସ୍ତାନ । ଜଣେ ଗୁଇନ୍ଦା ଅଧିକାରୀ କହିଛନ୍ତି ଯେ, "ଯେଉଁ ଦେଶ ନିଜର ହୋଟେଲ ବିଲ୍ ପୈଠ କରିପାରୁନାହିଁ, ସେ କିପରି ଏକ ବଡ଼ କୂଟନୈତିକ ବିଜୟର ଦାବି କରିପାରୁଛି ?" ଏହି ଘଟଣା ପରେ ବିଶ୍ୱ ସ୍ତରରେ ପାକିସ୍ତାନର ବିଶ୍ୱସନୀୟତାକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମତେ ଦେଇ ଦିଅ ୟୁରାନିୟମ, ମୁଁ ପରମାଣୁ ଇନ୍ଧନରେ ପରିଣତ କରି ଫେରାଇ ଦେବି

# ଇରାନ-ଆମେରିକା ବିବାଦ ମଧ୍ୟରେ ନୂଆ ଶାନ୍ତି ଫର୍ମୁଲା ଆଣିଲା ରୁଷ

**ମସ୍କୋ(ଏଜେନ୍ସି):** ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିଶ୍ୱବ୍ୟାପୀ ଉତ୍ତେଜନା ମଧ୍ୟରେ, ରୁଷ ପୁଣି ଥରେ ମଧ୍ୟସ୍ଥତାର ଭୂମିକା ଗ୍ରହଣ କରିବାକୁ ଆଗେଇ ଆସିଛି । ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମ୍ କରିବା ପାଇଁ କ୍ରେମଲିନ ଆନୁଷ୍ଠାନିକ ଭାବରେ ଏକ ଦୀର୍ଘକାଳୀନ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ପୁନର୍ବାର ଦୋହରାଇଛି । ରୁଷ କହିଛି,ଇରାନର ସମୃଦ୍ଧ ୟୁରାନିୟମକୁ ସଂରକ୍ଷଣ ଏବଂ ପ୍ରକ୍ରିୟାକରଣ କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ । କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ ସ୍ପଷ୍ଟ କରିଛନ୍ତି, ରୁଷର ଏହି ପ୍ରସ୍ତାବ ଦୀର୍ଘ ସମୟ ଧରି ଆଲୋଚନାର ବିଷୟ ପାଲଟିଛି, କିନ୍ତୁ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ । ରୁଷ କହୁଛି ଯଦି ଇରାନ ନିଜର ଅତିରିକ୍ତ ୟୁରାନିୟମକୁ ଆମକୁ ହସ୍ତାନ୍ତର କରିବ, ତେବେ ଏହା କେବଳ ପରମାଣୁ ଅସ୍ତ୍ର ଦୌଡ଼ର ଚିନ୍ତାକୁ ହ୍ରାସ କରିବ ନାହିଁ, ବରଂ ଏହି ଅଞ୍ଚଳରେ ଚାଲିଥିବା ଉତ୍ତେଜନାକୁ କମ୍ କରିବାରେ ମଧ୍ୟ ବହୁ ସାହାଯ୍ୟ କରିବ । ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆନ୍ତର୍ଜାତୀୟ ଆଲୋଚନାରେ ରୁଷ ସର୍ବଦା ଏକ ପ୍ରମୁଖ ସ୍ଥାନ ହାସଲ କରିଆସିଛି । ରୁଷର ଯୋଜନା କେବଳ ୟୁରାନିୟମ ହାସଲ କରିବା ନୁହେଁ, ବରଂ ଏହାକୁ ଏକ ସୁରକ୍ଷିତ ତଥା ଉପଯୋଗୀ ଚକ୍ରରେ ପ୍ରକ୍ରିୟାକରଣ କରିବା । ରୁଷ ବାରମ୍ବାର ପ୍ରସ୍ତାବ ଦେଇଛି, ଇରାନ ପାଖରେ ଥିବା ଅତ୍ୟନ୍ତ ସମୃଦ୍ଧ ୟୁରାନିୟମକୁ ରୁଷକୁ ରପ୍ତାନି କରାଯାଉ । ରୁଷ ନିଜର ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହାକୁ ପ୍ରକ୍ରିୟାକରଣ କରିବ ଏବଂ ଏହାକୁ ପରମାଣୁ ଶକ୍ତି କେନ୍ଦ୍ର ପାଇଁ ପରମାଣୁ ଇନ୍ଧନ ଭାବରେ ଇରାନକୁ ଫେରାଇଦେବ । ଏହା ଦ୍ୱାରା ସବୁଠାରୁ ବଡ଼ ଲାଭ ହେଉଛି, ଇରାନ ନିଜର ବିଦ୍ୟୁତ ଆବଶ୍ୟକତା ପାଇଁ ଇନ୍ଧନ ପାଇବ, କିନ୍ତୁ ପରମାଣୁ ବୋମା ତିଆରି କରିବା ପାଇଁ ତା ପାଖରେ ପର୍ଯ୍ୟାପ୍ତ ଉଚ୍ଚ-ଗ୍ରେଡ୍ ୟୁରାନିୟମ ରହିବ ନାହିଁ । ରୁଷ କହିଛି, ଏହି ସଙ୍କଟ ସମାପ୍ତ କରିବା ପାଇଁ ଆମେ ସମସ୍ତ ସମ୍ଭାବ୍ୟ କୂଟନୈତିକ ଏବଂ ବୈଷୟିକ ସହାୟତା ଯୋଗାଇବାକୁ ପ୍ରସ୍ତୁତ । ଆଶ୍ଚର୍ଯ୍ୟର କଥା, ରୁଷର ଏହି ନିରାପଦ ବିକଳ୍ପର ବାରମ୍ବାର ପ୍ରସ୍ତାବ ସତ୍ତ୍ୱେ, ଇରାନ ଏହାକୁ ଏପର୍ଯ୍ୟନ୍ତ ଗ୍ରହଣ କରିନାହିଁ ।

# ଆଇନ ଅଦାଲତ

## ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ମାମଲା

# ଦୁଇସପ୍ତାହ ଭିତରେ ବିସ୍ତୃତ ତଥ୍ୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.):** ଓଡିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ସମ୍ପର୍କିତ ଜନହିତ ମାମଲାରେ ହାଇକୋର୍ଟ ଆସନ୍ତା ୨ ସପ୍ତାହ ମଧ୍ୟରେ ବିସ୍ତୃତ ତଥ୍ୟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଏହି ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ଯେ ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗ ଅଧିନିୟମ,୧୯୯୩ର ଧାରା ୩(୨) ଅନୁସାରେ ଜଣେ ଅଧ୍ୟକ୍ଷ ଓ ତିନିଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗ ଗଠିତ ହୋଇଛି । ହାଇକୋର୍ଟର ବିଚାରପତି ପଦବିରେ କାର୍ଯ୍ୟ କରିଥିବା ଥିବା ଜଣେ ବ୍ୟକ୍ତି ଅଧ୍ୟକ୍ଷ ହେବାର ବ୍ୟବସ୍ଥା ରହିଛି । ସେହିପରି ଜଣେ ସମାଜବିଜ୍ଞାନୀ ତଥା ଅନଗ୍ରସର ଶ୍ରେଣୀ ବିଷୟରେ ବିଶେଷ ଜ୍ଞାନ ଥିବା ଦୁଇଜଣ ବ୍ୟକ୍ତି ସଦସ୍ୟ ହେବାର ପ୍ରାବଧାନ ଅଛି । ତେବେ ଏହି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଓ ସଦସ୍ୟ ୨୦୨୪ ମସିହା ଜାନୁୟାରୀ ୧ ତାରିଖରେ ତାଙ୍କ ତିନିବର୍ଷିଆ କାର୍ଯ୍ୟକାଳ ପୂରା କରିବା ପରେ ମଧ୍ୟ ନୂତନ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ନ ଦେବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଷ୍ଠିତ ଏହି ବୈଧାନିକ ସଂସ୍ଥା ଅଚଳ ହୋଇଯାଇଛି । ରାଜ୍ୟରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଗତ ୨୧୬ଟି ସମୁଦାୟ ବାସ କରୁଛନ୍ତି । ସେମାନେ ରାଜ୍ୟର ଜନସଂଖ୍ୟାର ପ୍ରମୁଖ ଅଂଶ ଅଟନ୍ତି । ରାଜ୍ୟର ଅନଗ୍ରସର ଶ୍ରେଣୀ ତାଲିକାରେ ନୂତନ ଜାତିକୁ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଓ ଅନଗ୍ରସର ଶ୍ରେଣୀ ବା ପଛୁଆ ବର୍ଗଙ୍କ ସମ୍ପର୍କରେ ସରକାରଙ୍କୁ ନୀତିଗତ ପରାମର୍ଶ ଦେବା ଏହି ଆୟୋଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ । ଅନଗ୍ରସର ଶ୍ରେଣୀଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବାକୁ ମଧ୍ୟ ଏହି ଆୟୋଗକୁ ଦାୟିତ୍ୱ ଦିଆଯାଇଛି । ଏହି ଆୟୋଗ କାର୍ଯ୍ୟକ୍ଷମ ହୋଇନଥିବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଅନଗ୍ରସର ଶ୍ରେଣୀର ସ୍ୱାର୍ଥରକ୍ଷା ତଥା ସାମାଜିକ ନ୍ୟାୟ ନିଶ୍ଚିତ କରିବା ପାଇଁ ଏହି ଆୟୋଗକୁ କାର୍ଯ୍ୟକ୍ଷମ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ହାଇକୋର୍ଟରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ

**କଟକ(ଏନ୍.ଏମ୍.):** ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ହାଇକୋର୍ଟରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି । ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲାବେଳେ ଅଦାଲତ ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି । ଆଜି ହାଇକୋର୍ଟରେ ମାମଲାର ଶୁଣାଣିବେଳେ ଆବେଦନକାରୀ ବିକ୍ରମ ପଣ୍ଡା ଓ ରାଜ୍ୟ ସରକାର ଏବଂ ଏତଲାକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ମାମଲାର କେଶ୍ ଡାଏରୀ ଦାଖଲ କରାଯିବା ସହିତ ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ କରାଯାଇଥିଲା । ଏଥିପୂର୍ବରୁ ମାମଲାରେ ଆବେଦନକାରୀଙ୍କ ପକ୍ଷରୁ କେତେକ ଦସ୍ତାବିଜ ଦାଖଲ କରାଯାଇଥିବା ବେଳେ ଏତଲାକାରୀଙ୍କ ପକ୍ଷରୁ ମଧ୍ୟ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନକୁ ବିରୋଧ କରି ଆପତି ସତ୍ୟପାଠ ଦାଖଲ କରାଯାଇଥିଲା । ତେବେ ଆସନ୍ତା ୧୭ ସୁଦ୍ଧା ପକ୍ଷମାନେ ଚାହିଁଲେ ଏହି ମାମଲାରେ ଲିଖିତ ଯୁକ୍ତି ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି । ସୂଚନାଥାଉକି ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଜେଡି ଏମ୍‌ଏଲ୍‌ଏ ବିକ୍ରମ ପଣ୍ଡା ଅଭିଯୁକ୍ତ ରହିଥିବାବେଳେ ଏବେ ସେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି । ଗତ ୨୦୨୫ ମସିହା ଅକ୍ଟୋବର ୬ ତାରିଖରେ ପିତବାସ ପଣ୍ଡାଙ୍କୁ ଅତି ନିକଟରୁ ଗୁଳି କରି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ବ୍ରହ୍ମପୁର ପୁଲିସ୍ ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣଙ୍କୁ ଗିରଫ କରିଥିଲ । ପୂର୍ବରୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନ ଖାରଜ ହୋଇଥିବାବେଳେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ ।

## ଚାଷୀଙ୍କୁ ଅଖା ନଦେବା ଏବଂ ଓଜନକାଟ୍ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.):** ୨୦୧୯-୨୦ ମସିହା ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରଦାନ ଅଖା ପ୍ରଦାନ ନକରିବା, ମଣ୍ଡିଠାରୁ ମିଲ୍ ପର୍ଯ୍ୟନ୍ତ ଧାନ ବସ୍ତା ପରିବହନ ଏବଂ ଧାନ ପ୍ରତି କ୍ୱିଣ୍ଟାଲ ପିଛା ୫ରୁ ୬ କେଜି ଓଜନ କାଟିବା ଘଟଣାକୁ ବିରୋଧ କରି ଆଗତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆବେଦନକାରୀ ସଂଗଠନ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଏଥିସହିତ ହାଇକୋର୍ଟ ଏହି ମାମଲାରେ ଆବେଦନକାରଙ୍କୁ ମଧ୍ୟ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ଉପସ୍ଥିତ ରହିବାକୁ ଆଦେଶ ଦେଇଛନ୍ତି । ସୂଚନାଥାଉକି ୨୦୧୯-୨୦ ମସିହା ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଚାଷୀମାନଙ୍କୁ ପ୍ରଦାନ ଅଖା ପ୍ରଦାନ ନକରିବା, ମଣ୍ଡି ଠାରୁ ମିଲ୍ ପର୍ଯ୍ୟନ୍ତ ଧାନ ବସ୍ତା ପରିବହନ ଏବଂ ଧାନ ପ୍ରତି କ୍ୱିଣ୍ଟାଲ ପିଛା ୫ରୁ ୬ କେଜି ଓଜନ କାଟିବା ଘଟଣାକୁ ବିରୋଧ କରି ଆବେଦନକାରୀ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ତେବେ ଏଥିରେ କିଛି ସୁଫଳ ନମିଳିବାରୁ ସଂଗଠନ ପକ୍ଷରୁ ବାଧ ହୋଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି । ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଗୋପଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି ।

## ପାଟନା ହାଇକୋର୍ଟରେ ନିଯୁକ୍ତି

# କମ୍ପ୍ୟୁଟର ଅପରେଟର- କମ ଟାଇପିଷ୍ଟ ପାଇଁ ଆରମ୍ଭ ହୋଇଯାଇଛି ଆବେଦନ ପ୍ରକ୍ରିୟା




**ନୂଆଦିଲ୍ଲୀ(ଏଜେନ୍ସି):** ସରକାରୀ ଚାକିରି ପାଇଁ ସ୍ୱପ୍ନ ଦେଖୁଥିବା ପ୍ରାର୍ଥୀମାନଙ୍କ ପାଇଁ ଖୁସି ଖବର । ଯେଉଁମାନେ ପାଟନା ହାଇକୋର୍ଟରେ କମ୍ପ୍ୟୁଟର ଅପରେଟର-କମ ଟାଇପିଷ୍ଟ ନିଯୁକ୍ତି ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ସେମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ । ଏହି ପଦବି ପାଇଁ ପ୍ରାର୍ଥୀମାନେ ଏପ୍ରିଲ ୧୭ ତାରିଖରୁ ଆବେଦନ କରିପାରିବେ । ପାଟନା ହାଇକୋର୍ଟ କମ୍ପ୍ୟୁଟର ଅପରେଟର-କମ୍ ଟାଇପିଷ୍ଟ ନିଯୁକ୍ତି ଘୋଷଣା କରି ଏକ ସରକାରୀ ବିଜ୍ଞପ୍ତି ଜାରି କରିଛି । ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ମଇ ୧୬ ତାରିଖ ପର୍ଯ୍ୟନ୍ତ ଏହି ପଦବି ପାଇଁ ଆବେଦନ କରିପାରିବେ ।

**କେତେ ପଦବି ପୂରଣ ହେବ ?**

ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପାଟନା ହାଇକୋର୍ଟରେ ମୋଟ ୪୮ଟି କମ୍ପ୍ୟୁଟର ଅପରେଟର-କମ୍ ଟାଇପିଷ୍ଟ ପଦବି ପୂରଣ କରାଯିବ । ଏଥିରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୨୨ଟି ପଦବୀ, ଇଡବ୍ଲୁସି ବର୍ଗ ପାଇଁ ୪ଟି ପଦବି, ବିସି ପାଇଁ ୫ଟି ପଦବି, ଇବିସି ପାଇଁ ୯ଟି ପଦବି, ଏସସି ପାଇଁ ୭ଟି ପଦବି ଏବଂ ବ୍ୟାକଲଗ୍ ପାଇଁ ସଂରକ୍ଷିତ ଗୋଟିଏ ପଦବି ଅନ୍ତର୍ଭୁକ୍ତ ରହିଛି ।

**ବୟସ ସୀମା**

ଆବେଦନ ପାଇଁ ପ୍ରାର୍ଥୀଙ୍କ ବୟସ ୧୮ ବର୍ଷରୁ କମ୍ ହେବା ଉଚିତ୍ ନୁହେଁ । ଏହା ବ୍ୟତୀତ, ସର୍ବାଧିକ ବୟସ ସୀମା ୩୭ ବର୍ଷ ଧାର୍ଯ୍ୟ କରାଯାଇଛି । ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ପାଇଁ ବୟସ ଛାଡ଼ର ସୁବିଧା ରହିଛି । କମ୍ପ୍ୟୁଟର ଅପରେଟର-କମ ଟାଇପିଷ୍ଟ ପଦବି ପାଇଁ ଆବେଦନ କରିବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନେ ଭାରତର ଏକ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନରୁ ସ୍ନାତକ ଡିଗ୍ରି ହାସଲ କରିଥିବା ଆବଶ୍ୟକ । ଏହା ସହିତ ପ୍ରାର୍ଥୀମାନଙ୍କୁ ଅନ୍ୟାନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ମଧ୍ୟ ପୂରଣ କରିବାକୁ ପଡିବ ।

**ଚୟନ ପ୍ରକ୍ରିୟା କିପରି କରାଯିବ ?**

ପ୍ରାର୍ଥୀମାନଙ୍କୁ ଲିଖିତ ଓ ସାକ୍ଷାତକାର ଏହି ଦୁଇଟି ପର୍ଯ୍ୟାୟରେ ଚୟନ କରାଯିବ । ଲିଖିତ ପରୀକ୍ଷାରେ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କୁ ସାକ୍ଷାତକାର ପାଇଁ ଡକାଯିବ । ଲିଖିତ ପରୀକ୍ଷାରେ ଇଂରାଜୀ, ହିନ୍ଦୀ, କମ୍ପ୍ୟୁଟର ବିଜ୍ଞାନ ଏବଂ ରିଜନିଂ ଭଳି ବିଷୟରୁ ୫୦ ଟି ପ୍ରଶ୍ନ ଅନ୍ତର୍ଭୁକ୍ତ ରହିବ । ଏହି ପରୀକ୍ଷା ଅଧ ଘଣ୍ଟା ପାଇଁ ଅନୁଷ୍ଠିତ ହେବ । ପ୍ରାର୍ଥୀମାନଙ୍କୁ ପାସ୍ କରିବା ପାଇଁ ୨୦ ନମ୍ବର ସ୍କୋର କରିବାକୁ ପଡ଼ିବ । ଏହାପରେ ହିନ୍ଦୀ ଏବଂ ଇଂରାଜୀରେ ଏକ ଟାଇପିଂ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷାରେ ମନୋନୀତ ପ୍ରାର୍ଥୀମାନଙ୍କୁ ୧୦ ନମ୍ବର ବିଶିଷ୍ଟ ସାକ୍ଷାତକାର ପାଇଁ ଡକାଯିବ ।

ନିଷ୍କର୍ଷ
NISHKARSHA


ସମ୍ପାଦକୀୟ

# ଆଶା ଓ ନିରାଶର ଦୋଛକିରେ ବିଶ୍ୱ ତୈଳ ବଜାର

ନିକଟରେ ପାକିସ୍ଥାନର ଇସଲାମବାଦରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇରାନର ଆଇଆରଜିସି ନେତୃମଣ୍ଡଳୀ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଇରାନ ଓ ଆମେରିକା ପରସ୍ପରକୁ କେବଳ ଦୋଷାରୋପ କରିଥିଲେ ଅଥଚ କୌଣସି ନିଷ୍କର୍ଷ ନବାହାରିବାରୁ ଆଲୋଚନା ବିଫଳ ହୋଇଥିଲା । କିନ୍ତୁ ଚଉଦ ଦିନର ଯୁଦ୍ଧ ବିରତି ସରିବାର ଠିକ ଦୁଇ ଦିନ ପୂର୍ବରୁ ଇରାନ ହର୍ମୁଜ ପ୍ରଣାଳୀ ସର୍ତ୍ତମୂଳକ ଭାବେ ଖୋଲିଦେଇଥିଲା । ଉଦ୍ଦେଶ୍ୟ ଥିଲା ହର୍ମୁଜ ଅଂଚଳରୁ ଯୁକ୍ତରାଷ୍ଟ୍ରର ସୈନ୍ୟ ଅପସାରଣ, ଲେବନାନ ଉପରେ ଇସ୍ରାଇଲର ଆକ୍ରମଣ ବନ୍ଦ ଓ ତୈଳ ଟ୍ୟାଙ୍କରଉପରେ ଟୋଲ ଆଦାୟ କରିବାକୁ ଇରନକୁ ଅନୁମତି ପ୍ରଦାନ । କିନ୍ତୁ ଡୋନାଲଡ ଟ୍ରମ୍ପଙ୍କ ଯୁଦ୍ଧଖୋର ମନୋଭାବ ଓ ଇରାନ ଉପରେ ପୁନଃଆକ୍ରମଣ ଧମକ ପରେ ହର୍ମୁଜ ଖୋଲିବାର ଚବିଶ ଘଣ୍ଟା ନ ପୂରୁଣୁ ଇରାନ ପୂନର୍ବାର ବନ୍ଦ କରି ଦେଇଛି ।

ପରିତାପର ବିଷୟ, ଇରାନର ମିତ୍ର ରାଷ୍ଟ୍ର ଭାରତ ମଧ୍ୟ ଆଇଆରଜିସି ରୋଷର ଶିକାର ହୋଇଛି । ଭାରତର ଏକ ତୈଳବାହୀ ଟ୍ୟାଙ୍କର ଆରବ ସାଗର ଅଭିମୁଖେ ଆସୁଥିବା ବେଳେ ଓମାନ ଉପସାଗର ଉପକଣ୍ଠରେ ଆଇଆରଜିସି ଅନ୍ଧାଧୁନା ଗୁଳି ବର୍ଷଣ କରିଥିଲା । ଭାରତୀୟ କ୍ୟାପଟେନ ଭାରତର ପରିଚୟ ଦେବାସତ୍ତ୍ୱେ ବି ଗୁଳି ଚାଳନା ବନ୍ଦ ହୋଇ ନଥିଲା । ଫଳସ୍ୱରୂପ , ବାଧ୍ୟ ହୋଇ ଭାରତୀୟ ଟ୍ୟାଙ୍କର ବାଧ୍ୟ ହୋଇ ନିରାପଦ ଆଶ୍ରୟକୁ ଫେରଯାଇଥିଲା । ଇତ୍ୟାବଶରେ, ନର୍ଥ କୋରିଆ ପରମାଣୁ ପରୀକ୍ଷଣ କରିଛି । ନିକଟରେ ବେଜିଙ୍ଗ ଠାରେ ଆମେରିକା ଓ ଚିନ ମଧ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ଆଲୋଚନା ହେବାର ସମ୍ଭାବନା ଥିବାବେଳେ ନର୍ଥ କୋରିଆର ଏତାଦୃଶ୍ୟ କାର୍ଯ୍ୟ ଓ ହର୍ମୁଜ ପ୍ରଣାଳୀ ବନ୍ଦ ହୋଇଯିବା ଭିନ୍ନ ସଙ୍କେତକୁ ଈଶାରା କରୁଛି । ଯୁଦ୍ଧ ବିଶେଷଜ୍ଞଙ୍କ ମତରେ ଇରାନ ଆମେରିକାକୁ ବିଶ୍ୱାସ କରିପାରୁନାହିଁ । ପୁନଶ୍ଚ ଚୀନ ଇରାନର ହାତ ଛାଡି ଆମେରିକାକୁ ସମର୍ଥନ କରିବାକୁ ଆଇଆରଜିସି ସହଜରେ ଗ୍ରହଣ କରିପାରୁନି । ଫଳରେ ଆଗକୁ ଥିବା ଇରାନ- ଆମେରିକା ଶାନ୍ତି ଆଲୋଚନା ଫାସର ଫାଟିଛି । ଇରାନର ସାମରିକ ପରାମର୍ଶଦାତା ଏକ ବାର୍ତ୍ତାରେ କହିଛନ୍ତି ଯେ, ଯୁଦ୍ଧରେ ଜୟ-ପରାଜୟ ଦେଖାଯାଏ । ଅର୍ଥାତ ଇରାନ ଶେଷ ହେବାଯାଏ ଯୁଦ୍ଧ କରିବ କିନ୍ତୁ ମୁଣ୍ଡ ନୁଆଁଇବ ନାହିଁ । ଇତି ମଧ୍ୟରେ ଆମେରିକା ଇରାନର ଏକ ହସ୍ପିଟାଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହା ସିଧାସଳଖ ଆନ୍ତର୍ଜାତିକ ଯୁଦ୍ଧନୀତିକୁ ବିରୋଧାଚରଣ କରୁଛି ।


ଏହିସବୁ ଘଟଣାକ୍ରମରୁ ଯାହା ଜଣାପଡୁଛି , ମଧ୍ୟପ୍ରାଚ୍ୟ ଯୁଦ୍ଧର ଗତି ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିପାରେ । ଶାନ୍ତି ଆଲୋଚନା ଏହାର ସମାଧାନ ନୁହେଁ । ମୁଖ୍ୟ କଥା ହେଉଛି ଆମେରିକା ସୁପ୍ରିମ କ୍ଷମତା ବଳରେ ଇରାନର ୟୁରାନିୟମ ଭଣ୍ଡାରକୁ ହରିଲୁଟ କରିବାକୁ ଚାହେଁ, ଆଉ ଆମେରିକାର ଏହି ମନ୍ଦ ଉଦ୍ଦେଶ୍ୟ ଇରନକୁ ଭଲ ଭାବରେ ଜଣାଅଛି । ଫଳରେ ଯାହାଜଣାପଡୁଛି , ଯୁଦ୍ଧ ନିକଟ ଭବିଷ୍ୟତରେ ବନ୍ଦ ହେବାର ସମ୍ଭାବନା କ୍ଷୀଣ ।




* * *

## କବିତା ଗୁଚ୍ଛ

### ବିଷୁବ ସଂକ୍ରାନ୍ତି



ଓଡ଼ିଆ ଜାତିର ପ୍ରାଣ ସ୍ପନ୍ଦନ
ପୁରୀରେ ବସିଛି ଜଗମୋହନ ।
ଆଦ୍ୟ ମାସ ଏହି ବୈଶାଖ ମାସ
ବିଷୁବ ସଂକ୍ରାନ୍ତି ନାମେ ନାମିତ ।
ପ୍ରଚଣ୍ଡ ରୌଦ୍ରରେ ତାପିତ ଧରା
ସମସ୍ତେ କରନ୍ତି ଜଳ ଆସରକ୍ଷ ।
ନୂତନ ମାସର ଆରମ୍ଭ ଏହି
ପଞ୍ଜିକା ପଠନ ଏଠି ହୁଅଇ ।
ସୂର୍ଯ୍ୟଙ୍କ ଉତ୍ତରାୟଣ ର ଗତି
ବିଷୁବ ରେଖାରେ ରହି ଥାଆନ୍ତି ।
ଗ୍ରୀଷମ ରେ ବୃକ୍ଷେ ପକ୍ଷଚଇ ଫଳ
ପଥିକ ମାନଙ୍କ ପାଇଁ ସୁଫଳ ।
ବୃନ୍ଦାବତୀ ବୃକ୍ଷେ ଛାୟା ପ୍ରଦାନ
ଘଟୁ ଜଳ ସଦା ହୁଏ ପତନ ।
ସର୍ବ ଜାତି ମଧ୍ୟେ ବ୍ରାହ୍ମଣ ଶ୍ରେଷ୍ଠ
ଭାଗବତ ବୋଲେ ସେମାନେ ଜ୍ୟେଷ୍ଠ ।
ବ୍ରାହ୍ମଣ ମୁଖେ ପଣାଦାନ ଦେଇ
ତାସାଥେ ଦକ୍ଷିଣା ଦିଅନ୍ତି ନେଇ ।
ସ୍ଥାନେ ସ୍ଥାନେ ପଣା ବଣ୍ଟା ହୁଅଇ
ପଶୁପକ୍ଷୀ କିଟ ପତଙ୍ଗ ପାଇଁ ।
ଏଦିନେ ଜନମ ହୋଇଛି ଯିଏ
ଉଚ୍ଚ ପଦବୀ ରେ ରହିଛି ସିଏ ।
ହନୁମାନଙ୍କର ଜନ୍ମ ଦିବସ
ରାମଦୂତ ବନି ହେଲେ ହରସ ।
ସଂକ୍ରାନ୍ତି ପୁରୁଷ ଫକିରମୋହନ
କାଳଜୟୀ ଏ ଦିନେ ଜନମିଣ ।
ଆମ୍ବେଦକର ଙ୍କ ଜନ୍ମ ଦିବସ
ସମ୍ବିଧାନ ପ୍ରଣୟନ ଏ ଦେଶ ।

- ବିଷ୍ଣୁପ୍ରିୟା ପଣ୍ଡା
ପହଂଗା, ନିଆଳି, କଟକ

# ଆକାଂକ୍ଷାର ଏକ ନୂତନ ଦିଗ : ଆଧୁନିକ ଶିକ୍ଷା ସମାନ ସୁଯୋଗର ସର୍ବୋତ୍ତମ ମାଧ୍ୟମ

ପ୍ରତିବର୍ଷ ଯେତେବେଳେ ୟୁନିଅନ ପବ୍ଲିକ ସର୍ଭିସ କମିଶନ(ୟୁପିଏସସି) ସିଭିଲ ସର୍ଭିସ ପରୀକ୍ଷାର ଚୂଡ଼ାନ୍ତ ଫଳାଫଳ ଘୋଷଣା କରେ, ଦେଶବ୍ୟାପୀ ଲୋକମାନେ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି । ଭାରତୀୟ ମୁସଲିମ ସମ୍ପ୍ରଦାୟ ପାଇଁ ଫଳାଫଳ ଏକ ସକାରାତ୍ମକ ଏବଂ ପ୍ରେରଣା ଦାୟକ ପରିବର୍ତ୍ତନ ଆଣିଛି । ଏହି ସମ୍ପ୍ରଦାୟର ଯୁବକ ଏବଂ ଯୁବତୀମାନଙ୍କୁ ବିଶ୍ୱର ସବୁଠାରୁ କଠିନ ପରୀକ୍ଷା ମଧ୍ୟରୁ ଗୋଟିଏରେ ସଫଳ ହେବା କେବଳ ଖୁସିର ମୁହୂର୍ତ୍ତ ନୁହେଁ । ଏହା ସେମାନଙ୍କର କଠିନ ପରିଶ୍ରମ ଏବଂ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଏ । ଏହାର ଅର୍ଥ ହେଉଛି ସେମାନେ ପ୍ରତିବନ୍ଧକ ଭାଙ୍ଗି ଆଗକୁ ବଢୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଏକବିଂଶ ଶତାବ୍ଦୀରେ ସମ୍ପ୍ରଦାୟକୁ କେଉଁ ପଥ ଅନୁସରଣ କରିବା ଉଚିତ ସେ ବିଷୟରେ ଏକ ସ୍ପଷ୍ଟ ବାର୍ତ୍ତା ଦିଏ ।

ଦୀର୍ଘ ସମୟ ଧରି ଭାରତୀୟ ମୁସଲିମ ସମ୍ପ୍ରଦାୟର କଥା ମୁଖ୍ୟତଃ ଦାରିଦ୍ର୍ୟ, ପ୍ରତିନିଧିତ୍ୱର ଅଭାବ ଏବଂ ଶିକ୍ଷାର ନିମ୍ନସ୍ତରକୁ କେନ୍ଦ୍ର କରି ଚାଲିଆସିଛି । କିନ୍ତୁ ଏବେ ସେହି କାହାଣୀ ଧୀରେ ଧୀରେ ପରିବର୍ତ୍ତନ ହେଉଛି । ସିଭିଲ ସର୍ଭିସରେ ମୁସଲିମ ପ୍ରାର୍ଥୀମାନଙ୍କର ବୃଦ୍ଧିଶୀଳ ସଫଳତା ଏହାର ସ୍ପଷ୍ଟ ପ୍ରମାଣ । ଏହା ଦେଖାଉଛି ଯେ, ବିଭିନ୍ନ ସମସ୍ୟା ସତ୍ତ୍ୱେ କଠିନ ପରିଶ୍ରମ, ଯୋଗ୍ୟତା ଓ ଯଥାଯଥ ପ୍ରସ୍ତୁତି ଦ୍ୱାରା ଭାରତରେ ସଫଳତା ହାସଲ କରିହେବ । ଏହି ଯୁବ ଅଧିକାରୀମାନେ ଆଗାମୀ ଦିନରେ ନୀତି ଗଠନ ଓ ଦେଶ ପରିଚାଳନାରେ ମୁଖ୍ୟ ଭୂମିକା ନେବେ, ଯାହା ଏକ ସକାରାତ୍ମକ ସନ୍ଦେଶ ଦେଉଛି – ସମ୍ପ୍ରଦାୟର ଉନ୍ନତି ପାଇଁ ସର୍ବୋତ୍ତମ ପଥ ହେଉଛି ଦେଶର ସାମୁହିକ ଉନ୍ନତିରେ ସକ୍ରିୟ ଭାଗୀଦାର ହେବା ।

ସ୍ୱପ୍ନ ଏବଂ ପ୍ରକୃତି ସଫଳତା ମଧ୍ୟରେ ସରଳ ସଂଯୋଗ ହେଉଛି ଆଧୁନିକ ଶିକ୍ଷା । ଯେତେବେଳେ ଆମେ ଏହି ସରକାରୀ କର୍ମଚାରୀମାନଙ୍କ ପାଇଁ ଗର୍ବ ଅନୁଭବ କରୁ ଆମେ ସେତେବେଳେ ଏହା ମଧ୍ୟ ବୁଝିବା ଉଚିତ ଯେ, ସେମାନଙ୍କୁ ସଫଳ ହେବାରେ କ'ଣ ସାହାଯ୍ୟ କରିଛି । ସେମାନଙ୍କର ସଫଳତା ଭାଗ୍ୟ କିମ୍ବା କୌଣସି ଚମତ୍କାର ଯୋଗୁଁ ନୁହେଁ, ବରଂ କଠିନ ପରିଶ୍ରମ ଏବଂ ଗୁଣାତ୍ମକ, ଆଧୁନିକ ଶିକ୍ଷାର ଫଳାଫଳ । ସେମାନେ ଇତିହାସ, ଭୂଗୋଳ, ବିଜ୍ଞାନ, ଅର୍ଥନୀତି ଏବଂ ନୀତିଶାସ୍ତ୍ର ଭଳି ବିଷୟଗୁଡ଼ିକୁ ସମର୍ପିତ ଭାବରେ ଅଧ୍ୟୟନ କରିଛନ୍ତି । ସେମାନଙ୍କର ସଫଳତା ସମ୍ପ୍ରଦାୟକୁ ଏହିପରି ଶିକ୍ଷା ଉପରେ ଅଧିକ ଧ୍ୟାନ ଦେବାକୁ ଏକ ଦୃଢ଼ ବାର୍ତ୍ତା ଦିଏ ଏବଂ ଏଥିରେ ଗମ୍ଭୀରତାର ସହିତ ବିନିଯୋଗ କରିବାକୁ ପଡିବ । ପାରମ୍ପରିକ ଏବଂ ଧାର୍ମିକ ଶିକ୍ଷା ମୂଲ୍ୟବୋଧ ଏବଂ ପରିଚୟ ପାଇଁ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆଧୁନିକ, ପ୍ରତିଯୋଗିତାମୂଳକ ଶିକ୍ଷା ଭଲ କ୍ୟାରିଅର, ଆର୍ଥିକ ସ୍ଥିରତା ଏବଂ ସମାଜରେ ଏକ ଦୃଢ଼ ସ୍ଥାନ ପାଇଁ ଆବଶ୍ୟକ ଦକ୍ଷତା ପ୍ରଦାନ କରେ ।

କେତେକ ସମୟରେ ଆଧୁନିକ ଶିକ୍ଷା ବିଷୟରେ କିଛି ଲୋକଙ୍କ ମଧ୍ୟରେ ଏକ ଦ୍ୱିଧା ଥାଏ, କାରଣ ଏହା ସାଂସ୍କୃତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ ବୋଲି ସେମାନଙ୍କର ଭୟ ଥାଏ । କିନ୍ତୁ ଏହି ଧାରଣା ଠିକ୍ ନୁହେଁ । ପ୍ରକୃତରେ ଇସଲାମର ପ୍ରଥମ ଶିକ୍ଷା ହେଉଛି ଜ୍ଞାନ ଅନ୍ୱେଷଣ କରିବା । ଇତିହାସ ଏହା ମଧ୍ୟ ଦର୍ଶାଏ ଯେ ଯେତେବେଳେ ସମ୍ପ୍ରଦାୟଗୁଡ଼ିକ ଶିକ୍ଷା ଉପରେ ଧ୍ୟାନ ଦେଇଥିଲେ ବିଜ୍ଞାନ, ଗଣିତ କିମ୍ବା ଦର୍ଶନରେ – ସେମାନେ ଆଗକୁ ବଢ଼ିଥିଲେ ଏବଂ ସମୃଦ୍ଧ ହୋଇଥିଲେ । ପ୍ରକୃତ ଅଭିବୃଦ୍ଧି ସେତେବେଳେ ହୁଏ ଯେତେବେଳେ ଏକ ସମ୍ପ୍ରଦାୟ ଏହାର ଯୁବ ପିଢ଼ି ପାଇଁ ମୁକ୍ତ ଭାବରେ ଶିଖିବା ଏବଂ ଚିନ୍ତା କରିବା ପାଇଁ ଏକ ଦୃଢ଼ ଏବଂ ସହାୟକ ପରିବେଶ ସୃଷ୍ଟି କରେ । ଆଜିର ବିଶ୍ୱ ଶିକ୍ଷା ଏବଂ ପ୍ରତିଯୋଗିତା ଦ୍ୱାରା ପରିଚାଳିତ । ଏହି କ୍ଷେତ୍ରଗୁଡ଼ିକରେ ସଫଳତା ପରିଚୟ ଏବଂ ଆତ୍ମବିଶ୍ୱାସ ପ୍ରକାଶ କରିବାର ଏକ ଶକ୍ତିଶାଳୀ ଉପାୟ । ଚିନ୍ତାଶୀଳ ବ୍ୟକ୍ତି, ଉଦ୍ଭାବକ, ଡାକ୍ତର ଏବଂ ସରକାରୀ କର୍ମଚାରୀ ସୃଷ୍ଟି କରୁଥିବା ସମ୍ପ୍ରଦାୟ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ପରିବର୍ତ୍ତେ ସମ୍ମାନ ଅର୍ଜନ କରେ ଏବଂ ନିଜର ଭବିଷ୍ୟତ ନିର୍ମାଣ କରେ ।

ଏହି ସଫଳତାର କାହାଣୀଗୁଡ଼ିକୁ ବ୍ୟତିକ୍ରମ ପରିବର୍ତ୍ତେ ସାଧାରଣ କରିବା ପାଇଁ, ସମାଜ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଆବଶ୍ୟକ । ଏଥପାଇଁ ସମ୍ବଳର ଉତ୍ତମ ବ୍ୟବହାର ଏବଂ ଦାନଶୀଳ ପ୍ରୟାସ ଆବଶ୍ୟକ । ଯଦିଓ ବହୁତ ଦାନ ତୁରନ୍ତ ସାହାଯ୍ୟ କିମ୍ବା ଧାର୍ମିକ ସ୍ଥାନ ନିର୍ମାଣ ପାଇଁ ଯାଇଥାଏ, ଗୁଣାତ୍ମକ ଆଧୁନିକ ଶିକ୍ଷାରେ ମଧ୍ୟ ବିନିଯୋଗ କରିବାର ଦୃଢ଼ ଆବଶ୍ୟକତା ଅଛି । ଏହାର ଅର୍ଥ ହେଉଛି ଭଲ ବିଦ୍ୟାଳୟ ସୃଷ୍ଟି କରିବା, ଛାତ୍ରବୃତ୍ତି ପ୍ରଦାନ କରିବା, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉତ୍ତମ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ଏବଂ ପ୍ରାଥମିକ ପର୍ଯ୍ୟାୟରୁ ଏପରିକି ମାଧ୍ୟମିକ ବିଦ୍ୟାଳୟରୁ ମଧ୍ୟ କ୍ୟାରିଅର ମାର୍ଗଦର୍ଶନ ପ୍ରଦାନ କରିବା । ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳତା ପୂର୍ବରୁ ଦେଖାଇ ଦେଇଛି ଯେ କେନ୍ଦ୍ରିତ, ସାଂଗଠନିକ ସମର୍ଥନ କ'ଣ ହାସଲ କରିପାରିବ । ଏହି ପଦ୍ଧତିକୁ ଦେଶର ଅଧିକ ଅଂଶରେ ବିସ୍ତାର ଏବଂ ଅନୁସରଣ କରାଯିବା ଉଚିତ । ଆମ ଘରେ ଆଲୋଚନାର ବିଷୟ ପରିବର୍ତ୍ତନ ହେବା ଆବଶ୍ୟକ । କେବଳ ସମସ୍ୟା ବିଷୟରେ କଥା ହେବା ପରିବର୍ତ୍ତେ ଆମେ ମହତ୍ତ୍ୱାକାଂକ୍ଷା, ଉତ୍କର୍ଷତା ଏବଂ ବୌଦ୍ଧିକ କୌତୁହଳ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ପିତାମାତାମାନେ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯେଉଁଠାରେ ପିଲାମାନଙ୍କୁ ଖବରକାଗଜ ପଢ଼ିବା, ସାମ୍ପ୍ରତିକ ଘଟଣା ବିଷୟରେ ଆଲୋଚନା କରିବା ଏବଂ ବିଶ୍ୱ ବିଷୟରେ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରାଯାଏ । ମୁସଲିମ ମହିଳାମାନେ ନିରନ୍ତର ଭାବେ କରୁଥିବା ପ୍ରଗତିକୁ ଚିହ୍ନିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆଜି ସିଭିଲ ସର୍ଭିସରେ ଅନେକ ପ୍ରେରଣାଦାୟକ ସଫଳତାର କାହାଣୀ ହେଉଛି ପୁରୁଷବାଦୀ ଆଶା, ସାମାଜିକ ପ୍ରତିବନ୍ଧକ ଏବଂ ରୀତିଚିନ୍ତାକୁ ଭାଙ୍ଗିଥିବା ଯୁବ ମୁସଲିମ ମହିଳାମାନେ । ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପୂର୍ଣ୍ଣ ଏବଂ ସମାନ ପରିବେଶ ପ୍ରଦାନ କରିବା ସମ୍ପ୍ରଦାୟର ସବୁଠାରୁ ଶକ୍ତିଶାଳୀ ଏବଂ ପରିବର୍ତ୍ତନକାରୀ ପଦକ୍ଷେପ । ଜଣେ ସିଭିଲ୍ ସର୍ଭିସ୍ ସେବା ଆଶାୟୀଙ୍କ ଯାତ୍ରା ବିଫଳତା, ତୀବ୍ର ପ୍ରତିଯୋଗିତା ଏବଂ ଆତ୍ମସନ୍ଦେହ ସହିତ ପରିପୂର୍ଣ୍ଣ ଥାଏ । ଯେଉଁମାନେ ସଫଳ ହୁଅନ୍ତି ସେମାନେ ସେମାନଙ୍କର ସୀମା ଦ୍ୱାରା ପରିଭାଷିତ ହେବାକୁ ଚାହାନ୍ତି ନାହିଁ । ସେମାନେ ବୁଝନ୍ତି ଯେ, ଏକ ଦ୍ରୁତ ବିକଶିତ, ପ୍ରଯୁକ୍ତିବିଦ୍ୟାଚାଳିତ ବିଶ୍ୱରେ ଜ୍ଞାନ ହେଉଛି ଏକମାତ୍ର ମୁଦ୍ରା ଯାହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ବିଜୟ ଏକ ଆଲୋକବର୍ତ୍ତିକା, ସୀମାରୁ ବାହାରି ମୁଖ୍ୟଧାରାରେ ପ୍ରବେଶ କରିବାର ପଥକୁ ଆଲୋକିତ କରିଥାଏ ।

*

- ଅଲତାଫ୍ ମିର୍
ପିଏଚ୍. ଡି.
ଜାମିଆ ମିଲିଆ ଇସଲାମିଆ

# ଅପହୃତ ବିଶ୍ୱାସ

ପାଗଳ । ହଁ, ସେ ପାଗଳ ।

ତା'ର ବେଶପୋଷାକ, ଚାଲିଚଳଣୀ, କଥାବାର୍ତ୍ତା ସବୁକିଛି ପ୍ରମାଣ କରିଦେଉଛି ଯେ ସେ ପାଗଳ । ହେଲେ ଜାଣିରଖନ୍ତୁ ଜନ୍ମରୁ ପାଗଳ ନୁହେଁ ସେ ।

ଏବେ କିନ୍ତୁ ତାକୁ ଯିଏ ଦେଖୁଛି ପାଗଳ ବୋଲି କହୁଛି । ପୂର୍ବରେ ଯୋଡିଦେଉଛି ତା'ର ଡାକ ନାଁ ନିକି । ସମସ୍ତଙ୍କ ପାଇଁ ଏବେ ସେ ନିକି ପାଗଳା । ତାକୁ ଦେଖିଲେ ଲାଗେ ତା'ର କେହି ଆପଣାର ନାହାନ୍ତି ।ତା'ର ଚେହେରା କହୁଥାଏ – ତୁମେ କିଛି ବି କର ।ମୋତେ କିଛି ବି କୁହ ।ତିରସ୍କାର କରନି ।ବାସ୍ତବରେ ମୋର କିଛି ଦୋଷ ନାହିଁ ।

ସବୁଠି ଥାଏ ସେ ।ସମସ୍ତଙ୍କ ଆଖି ସାମ୍ନାରେ ଥାଏ ସେ ।କେହି ଜାଣନ୍ତିନି କ'ଣ ଖାଇ ବଞ୍ଚୁଥାଏ ।କେହି ଜାଣନ୍ତିନି କେଉଁଠି ଶୋଇ ରାତି ବିତାଉଥାଏ ।

ଜୀବନର ଯେତେ ସବୁ ଯନ୍ତ୍ରଣା, କଷ୍ଟ, ଦୁଃଖ, ଅପମାନ, ପ୍ରତାରଣା, ପ୍ରତିଶୋଧକୁ ସେ କେମିତି ସହୁଥାଏ କେଜାଣି ! ହଁ,ବାସ୍ତବରେ ସେ ଗୋଟେ ପାଗଳା ।ସେ ମାନସିକ ବିକାର,ନିର୍ବିକାର ।ଏବେ ଆମ ପୃଥିବୀ ବିଚିତ୍ର ନୁହେଁ ତା'ପାଇଁ, ବରଂ ସେ ଏକ ବିଚିତ୍ର ଜୀବ ଆମ ପୃଥିବୀର ।ତା'ର ଜୀବନ ବିତୁନାହିଁ,ବରଂ ଜୀବନ ତାକୁ ବିତେଇବାକୁ ପଡୁଛି ।

ଗାଁର ପିଲାମାନେ ତାକୁ ନିକି ପାଗଳା ବୋଲି ଡାକୁଛନ୍ତି ।ଦୂରରେ ରହି ତା' ଉପରକୁ ପଥର ମାରୁଛନ୍ତି ।ଇଏ ଯେମିତି ସେମାନଙ୍କର ଏକ ଖେଳ, ମଜା, ଖୁସିର ଆଧାର । ସେମାନଙ୍କର ଆଖିରେ ନିକିର ଏଇ ଅବସ୍ଥାର କିଛି ଅର୍ଥ ନାହିଁ । ଆହା ! ଏମିତି ଭାଗ୍ୟ କାହାର ଥାଏ କି ? ଜନ୍ମକୁଣ୍ଡଳୀରେ କାହାର ଏପରି ଲେଖା ହୋଇଥାଏ କି ? ହାତୀ, ଘୋଡ଼ା, ଐଶ୍ୱର୍ଯ୍ୟର ପାହାଡ଼ ଉପରେ କେହି କ'ଣ ସବୁଦିନ ନିଜକୁ ବସାଇ ପାରିଥାଏ ? ସମୟର ଚକ୍ର ପରା ଘୂରୁଥାଏ ସବୁବେଳେ ।କାହାର ଭବିଷ୍ୟତ କେହି କ'ଣ ଜାଣିଥାଏ ସତରେ ! ପିଲାମାନଙ୍କୁ ଆକଟ କରିବାକୁ କେହି ନାହିଁ ।ପିଲାମାନଙ୍କର ଖେଳ, ମଜା, ଖୁସି କାହାକୁ ଭଲ ନ ଲାଗେ ଯେ ! ତେଣୁ କିଏ ବା କାହିଁକି ସେପରି କରିବ !

ଦିନ ସରେନା । ରାତି ସରେନା ।ନୂଆ ସକାଳର ସୂର୍ଯ୍ୟ ଉଇଁ ଆସେନା ତା' ପାଇଁ । ଏମିତି ବଞ୍ଚିବାର ବାଟ ଖୋଜି ଖୋଜି ଚାଲିଥାଏ ସେ ।ପଡି ଉଠି ଧାଉଁଥାଏ । ତା' ପଛେ ପଛେ ଧାଉଁଥାନ୍ତି ଗାଁର ପିଲାମାନେ ।ସତେ ଯେପରି ଇଏ ତା'ର ପ୍ରାପ୍ତି ।

ଧାଇଁ ଧାଇଁ ଥକିଗଲେ ସ୍ଥିର ହୋଇ ବସିଯାଏ ସେ । ନିଜର ମଇଳା ଦାନ୍ତ ଦୁଇ ଧାଡ଼ି ପିଲାଙ୍କୁ ଦେଖାଏ । ହାତ ହଲେଇ ନାଇଁ ନାଇଁ କରେ । ଇଏ ସବୁ ଯେମିତି ତା'ର ନିତିଦିନିଆ କଥା ।

ଗାଁର ସ୍ତ୍ରୀ ଲୋକମାନେ ତାକୁ ଦେଖିଲେ ନାକ ଟେକନ୍ତି ।କାହିଁକି ଏ'ଟା ଗାଁ ଛାଡି କୁଆଡ଼େ ଯାଉନାହିଁ ବୋଲି କହନ୍ତି । ତା'ର ଅତୀତ ଏବେ ସେମାନଙ୍କର ଆଶଙ୍କା ।ତେଣୁ ସେମାନେ ଝରକା ବାଟେ ତା' ଉପରକୁ ଗରମ ପାଣି, ପରିବା ଚୋପା ଫିଙ୍ଗି ଦିଅନ୍ତି ।ତାକୁ ଦେଖେଇ ଦେଖେଇ କେତେ କଥା କହନ୍ତି ।ତା'ର ତ କୌଣସି ପ୍ରତିକ୍ରିୟା ନ ଥାଏ ।ସେମାନେ ମନକୁ ବୁଝାଇଦେଇ ରହନ୍ତି ।

ସେ ବିଚରା ଇତସ୍ତତଃ ହୋଇଯାଏ । ଗାଁ ସ୍ତ୍ରୀ ଲୋକଙ୍କର ଏତାଦୃଶ କଦର୍ଯ୍ୟ ବ୍ୟବହାରକୁ ନେଇ କିଛି ଭାବିବାକୁ ତା' ପାଖରେ ମନ ଥାଏ ନା ବେଳ ଥାଏ ।କିଛି ଗୋଟେ ଜରୁରୀ କାମରେ ଯିବା ଭଳି ସେସବୁକୁ ପଛରେ ପକାଇ ଦେଇ ସେ ଆଗକୁ ଚାଲିଯାଏ । ତା'ର ସାରା ଦେହରେ ପରସ୍ତ ପରସ୍ତ ଧୂଳିର ଆସ୍ତରଣ । ଧୀରେ ଧୀରେ ସେସବୁ କଳା ରଙ୍ଗକୁ ରୂପାନ୍ତରିତ ହୋଇଛନ୍ତି । ମୁଣ୍ଡ ନୁଖୁରା । ଚୁଟି ସବୁ ଅଯତ୍ନ ବର୍ଦ୍ଧିତ । କେତେବେଳେ କେଉଁଠି ଯେମିତି ହଜିଯାଇଛି ସୌନ୍ଦର୍ଯ୍ୟ ସେମାନଙ୍କର ।ଦେହରେ ଯୌବନ ଥାଇ ନାହିଁ । ଉଚ୍ଛ୍ୱସିତ, ଛଳଛଳ ଦିଶୁନାହିଁ ଚେହେରା ।କଙ୍କାଳ ଆଗକୁ ଅଳ୍ପ ନଇଁ ଯାଇଛି ।ଚାହାଣିରେ ନା ଅଛି ସ୍ୱପ୍ନ ନା ଅଛି ମାଦକତା । ତା'ର ପ୍ରତିଟି ମୂହୁର୍ତ୍ତ ପ୍ରତିଟି ପାଦ ପ୍ରାୟ ମୃତବତ୍ ।

ଏବେ ଏମିତି ହୋଇଛି ତା'ର ଜୀବନ ଯେ ସେ କାହାର ଆଶୀର୍ବାଦ ଲୋଡିପାରୁନି । ଲୋଡିପାରୁନି କାହାର ଭଲପାଇବା । କରିପାରୁନି କାହାକୁ ଆପଣାର । ଦେଇପାରୁନି ପ୍ରେମ, ପୁଲକ ।ତଥାପି ମାଟିରେ ତା'ର ପାଦ ଅଛି ।ପାଗଳ ହେଲେ ବି ଏଠି ଜଣେ ମଣିଷ ପରି ବଞ୍ଚୁଛି ସେ ।

ଗାଁର ମୁରବୀ ଲୋକମାନଙ୍କର ସୁନଜରରେ ଏବେ ନାହିଁ ସେ ।କେତେ ଯେ ଅଭିଶାପ ସେମାନେ ତାକୁ ଦେଲେଣି ଆହୁରି ସରିନି ।ଯେତେବେଳେ ତାକୁ ଦେଖୁଛନ୍ତି ପାଟିରୁ ବାହାରି ଯାଉଛି କୁ କଥା ସବୁ ।ସତେ ଯେମିତି ବହୁତ କିଛି ପାପ କରିଦେଇଛି ସେ ।ଅଭିଶପ୍ତ ଜୀବନ ବଞ୍ଚୁଛି ।

ଏବେ ସେହି ମୁରବୀ ମାନଙ୍କ ମୁହଁରେ ଫୁଟିଉଠୁଛି ତା'ର ହଜିଲା ଦିନର କଥା । ହେଲେ ସେମାନଙ୍କ କଥାରେ ଆହା ପଦଟିଏ ଆସୁନାହିଁ ।ଲୁଚି ଯାଉଛି ସତ୍ୟ ।ଯାହା ବାହାରକୁ ଆସୁଛି ତାହା କେବଳ ତା' ନାଆଁରେ କିଛି ମନଗଢା ମିଥ୍ୟା ଓ ଅପଶବ୍ଦର ଫେଣ୍ଟାଫେଣ୍ଟି ବକ୍ତବ୍ୟ ।

ଘଟଣାମାନ ଏବେ ଇତିହାସ ପାଲଟିଛି । ତା' ପିଲାଦିନର କଥା । ସାରାଦିନ ସାଙ୍ଗମେଳରେ କଟୁଥିଲା । ଗୋଟେ ବେଫିକର ଜୀବନ ବଞ୍ଚୁଥିଲା ସେ ।ଧନୀ ହେଉ ବା ଗରିବ – ବାପା, ମା' ଥିଲେ କୋଉ ପିଲାଟା ବେଫିକର ଜୀବନ ବଞ୍ଚେନାହିଁ ଯେ ? ସେତେବେଳର ଗାଁ ଏବର ଗାଁ ଅପେକ୍ଷା ଟିକେ ଅଧିକ ସୁନ୍ଦର ଥିଲା । ମଣିଷମାନେ ଥିଲେ ଅମାୟିକ ଓ ହୃଦୟବାନ୍ । କଥା କଥାରେ ଫୁଟୁଥିଲା ଫୁଲ, ଝରୁଥିଲା ମହୁ । ସଭିଙ୍କର ଆଦର, ଯତ୍ନ, ସ୍ନେହ ତା' ଉପରେ ଅଜାଡି ପଡୁଥିଲାବେଳେ ସେ ଏହାକୁ ଅନୁଭବ କରୁଥିଲା । ଆଲୋକିତ, ଆଲୋଡିତ ହେଉଥିଲା । ଆଶା, ବିଶ୍ୱାସ, ଉନ୍ମେଷ, ସ୍ୱପ୍ନ, ସଂକଳ୍ପ – ଏମିତି କିଛି କଥା ତା' ମନରେ ନଥିଲେ ବି ଖୁବ୍ ଖୁସି ଓ ଚଳଚଞ୍ଚଳ ରହୁଥିଲା ସେ । ପ୍ରତିଦିନ, ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରୁଥିଲା ।

ଦିନେ ହଠାତ୍ ଏସବୁର ପୂର୍ଣ୍ଣଛେଦ ପଡିଗଲା । ଉତୁରିଗଲା ସବୁକିଛି । ବଦଳିଗଲା ସବୁକିଛି । ତା'ର ବାପା ଆରପାରିକି ଚାଲିଗଲେ । ସେତେବେଳକୁ ତାକୁ ମାତ୍ର ନଅ ବର୍ଷ ବୟସ ।

ବାପା କାମ କରୁଥିଲେ ଗୋଟେ କ୍ରସର୍ ମିଲ୍ ରେ । ସବୁଦିନେ ଧୂଳି, ଧୂଆଁ ସହିତ ଏକାକାର ହେଉଥିଲେ । ଖଟି ଖଟି ଲହୁଲୁହାଣ ହେଉଥିଲେ ସବୁଦିନେ । ନିଜେ ଦୁଃଖ ପିଇ ଆଞ୍ଜୁଳା ଆଞ୍ଜୁଳା ସୁଖ ଆଣି ଘରେ ସମସ୍ତଙ୍କୁ ବାଣ୍ଟୁଥିଲେ । ଏମିତି କେତେ ଦିନ !

ଟି.ବି. ରୋଗରେ ଆକ୍ରାନ୍ତ ହେଲେ ସେ । ଧୀରେ ଧୀରେ ରୋଗ ବଢିଲା । ଯେତେ ଯାହା କଲେ ବି ଆଉ ଫେରି ପାରିଲେ ନାହିଁ ସୁସ୍ଥ ଜୀବନକୁ । କାମ ଛାଡି ଦିନାକେତେ ରୋଗ ଶଯ୍ୟାରେ ପଡିଲେ । ଶେଷ ନିଃଶ୍ୱାସ ତ୍ୟାଗ କଲେ ।

କ'ଣ କରେ ମା' ! ଦୁଃଖ କ'ଣ ଜାଣି ନ ଥିଲା । କାମଧନ୍ଦା କ'ଣ ଜାଣି ନ ଥିଲା । ଘରର ଦାୟିତ୍ୱ ମୁଣ୍ଡେଇ ନ ଥିଲା । ଏବେ ଆପେ ସବୁ ତା' ଉପରକୁ ଚାଲି ଆସିଲା । ନଅ ବର୍ଷର ପୁଅ ନିକି । ମା' ମନ ତା' ପାଇଁ ଛଟପଟ ହେଲା । ତାକୁ ବଞ୍ଚାଇ ସଂସାରରେ ନିଜେ ବଞ୍ଚିବା ପାଇଁ ସେ ଅଣ୍ଟା ଭିଡିଲା । ଇଏ ଯେମିତି ତା'ପାଇଁ ଥିଲା ଗୋଟେ ଆହ୍ୱାନ ।

ଜୀବନର ଚୋରାବାଲିରେ ଉଜୁଡି ଥିଲା ଦାମ୍ପତ୍ୟ । ଏବେ ପୁଅର ମୁହଁଟି ଥିଲା ତା' ପାଇଁ ସର୍ବସ୍ୱ । ଦି' ପଇସା ରୋଜଗାର କରିବାକୁ ହେବ । ପଛକୁ ଫେରି ଚାହିଁ ଲୁହ ଗଡେଇ ଲାଭ ନାହିଁ । ଆଗକୁ ବାହାରିବାକୁ ପଡିବ । ସେ ଘରୁ ପଦାକୁ ଗୋଡ କାଢିଲା । କାହାର ଢିଙ୍କି କୁଟିଲା, କାହାର ଧାନ ଉଁଷେଇଲା, କାହାର ବଡି ପକେଇଲା, କାହାର ଘର ଲିପାପୋଛା କଲା । ଏବେ ଏମିତି ସବୁ କାମ କଲା ସେ । ତା' ଆଗରେ ଥିଲା ତା' ନଅ ବର୍ଷର ପୁଅ ନିକିର ଜୀବନ ଓ ଭବିଷ୍ୟତ ।

ତା'ର ଘର ଅଗଣାରେ ଖେଳି ବୁଲି, ପଡିଶା ଘରର ଢିଙ୍କି କୁଟା ମୂଳ ଚାଉଳର ଭାତ, ବାଡିର ନେଉଟିଆ ଶାଗ, ସଜନା ଛୁଇଁ, କାଙ୍କଡ ଖାଇ ଧୀରେ ଧୀରେ ବଡ ହୋଇଗଲା ନିକି । ଗାଁ ହାଇସ୍କୁଲରୁ ତା'ର ପାଠପଢା ସରିଲା । ଆଶା ଥିଲେ, ସ୍ୱପ୍ନ ଥିଲେ ବେଳେବେଳେ ଦୁଃଖରେ ବି ବହୁଦିନ ଜୀଇବାକୁ ଇଚ୍ଛା ହୁଏ । କେତେ କ'ଣ କରିବାକୁ ପ୍ରୟାସ ଜାରି ରହେ । ଆଶା ତ ସବୁବେଳେ ବୈତରଣୀ ନଦୀ । ସ୍ୱପ୍ନ ପାଇଁ ରାତି ଅଣ୍ଟେନାହିଁ । ନିକି ଥିଲା ତା' ମାଆର ଆଶା ଓ ସ୍ୱପ୍ନ । ତାକୁ ବଡ କରିବାକୁ ତା' ଭିତରେ ଥିଲା ଗୋଟେ ଦୃଢ ସଂକଳ୍ପ । ତେଣୁ କଲେଜରେ ତା'ର ନାଁ ଲେଖାଇବାକୁ ଚାହିଁଲା ସେ । ନିକିର ନାଁ କଲେଜରେ ଲେଖାଗଲା । ଗାଁ ପାଖର କଲେଜ । ଘରୁ ଶାଗ, ପଖାଳ ଖାଇ ସେଇଠି ପାଠ ପଢିବାକୁ ବାହାରିଲା ସେ । ଭୋର୍ ଆସିବ । ଯନ୍ତ୍ରଣାର ରାତି ପାହିଯିବ । ସକାଳର ସୁନ୍ଦର କଅଁଳ ସୁନେଲି ଖରାରେ ଝଲମଲ କରିବ ଜୀବନ । ଜୀବନଟା ବେଶ୍ ଆନନ୍ଦମୟ ମନେହେବ । – ନିକିକୁ ଦେଖିଲେ ମା'ର ମନ ଭିତରେ ଏମିତି ଭାବନା ଖେଳୁଥିଲା । ଯୌବନର ପ୍ରଥମ ପାହାଚରେ ଥାଆନ୍ତି ସମସ୍ତେ । ତେଣୁ କଲେଜରେ ନୂଆ ନୂଆ ପ୍ରେମର ଗୋଟିଏ ବାତାବରଣ ସୃଷ୍ଟି ହୁଏ । ପ୍ରେମର ମଞ୍ଜି ପୋତାଯାଏ ସେଇଠି । ମଞ୍ଜିରୁ ଚାରା ହୁଏ । ଦ୍ରୁମ ପାଲଟେ । ମନ ଦେଇ ମନ ନେଲେ ଏସବୁ ଖୁବ୍ ସହଜରେ ହୁଏ । ସେମିତି କିଛି ଭାବି ନ ଥିଲା ନିକି । କାହାପାଇଁ ପ୍ରେମର ସମ୍ରାଟ ହେବାକୁ ଚାହିଁ ନଥିଲା ସେ । ସେପରି ମନଟିଏ ତା' ପାଖରେ ନ ଥିଲା । ମନଟି ଆଧାର ହେଲେ ସିନା ପ୍ରେମର ତାଜମହଲ ଗଢିଉଠେ !

କଥା କିନ୍ତୁ ଅଲଗା ପ୍ରକାର ହୋଇଗଲା । ଜଣେ ବଡଲୋକର ଝିଅ ମନୋଜା ଲାଗି ଆସିଲା ତା' ପାଖକୁ । ବନ୍ଧୁତାର ହାତ ବଢାଇଲା । ଅଭାବ ପୂରଣ ପାଇଁ ତାକୁ ଟଙ୍କା ଦେଲା । ଘମଣ୍ଡି ଝିଅଟା । ଅବାଧ ହୋଇ ପାରିଲାନି ନିକି । ଧୀରେ ଧୀରେ କଥା ଆଗକୁ ଗଲା । ଦିନେ ମନୋଜାର ପ୍ରେମକୁ ସ୍ୱୀକାର କରିନେଲା ସେ । ଭଲପାଏ ବୋଲି କହିଦେଲା । ପ୍ରେମ ତ ସବୁବେଳେ ଫୁଲଟିଏ । ସାଥିରେ ସରଗର ଶୋଭା ନେଇ ଆସିଥାଏ । ତା'ର ପଦପାତରେ ଆଲୋକିତ ହୋଇଉଠେ ଦୁନିଆ । ପ୍ରେମିକ, ପ୍ରେମିକାକୁ ଗୋଟେ କୋଳାହଳମୟ ଦୁନିଆରୁ ଯୋଜନ ଯୋଜନ ପଥ ଦୂରକୁ ନେଇଯାଏ । ବୁଡାଇ ରଖେ ଅଥଳ ଜଳରେ ।

ଠିକ୍ ତାହା ହିଁ ହେଲା । ମନରେ ଅସୀମ ଆଶା ଓ ଭରସା । ଦୁହେଁ ଦୁହିଙ୍କୁ ଭଲପାଇବାକୁ ଲାଗିଲେ । ଦିନେ ମନୋଜାର ପ୍ରେମ ଫାଶରେ ଛନ୍ଦି ହୋଇଯିବ, ଏମିତି ଆଦୌ ଭାବି ନଥିଲା ନିକି । ଏବେ କିନ୍ତୁ ତା' ପ୍ରେମରେ ତାକୁ ସବୁକିଛି ଭୁଲିବାକୁ ପଡୁଥିଲା । ମନୋଜା ସୁନ୍ଦରୀ, ଫେନିଳ – ଯୌବନା । ହାସମୟୀ, ଲାସ୍ୟମୟୀ, ଉଚ୍ଛ୍ୱସିତ, ଛଳଛଳ, କଳକଳ ନଦୀର ଧାର ପରି । କି ମାୟା ତା'ର ସତେ ! ମା', ନିଜତ୍ୱ, ନିଜସ୍ୱ – ଏସବୁ ଆଉ ନିକିର ମନରେ ନଥିଲା । ତା' ପ୍ରେମର ମୂଲ୍ୟ ଦେବାକୁ ଆଗେଇଗଲା ନିକି । ଏହି ପ୍ରେମ ସମ୍ପର୍କ ଭିତରେ ମନୋଜା ହେଲା ଗର୍ଭବତୀ ।

ମନ ଥିଲେ ଏଠି ଅପ୍ରାପ୍ତି ବୋଲି କିଛି ଥାଏ କି ! ମନୋଜାର ମନ ଯାହା ଖୋଜୁଥିଲା ତାହା ପାଇଗଲା ସେ । ଅନାବିଳ ପ୍ରେମର ତରଙ୍ଗ । ଜଣେ ନାବାଳକ ଆଉ ଜଣେ ନାବାଳିକା । ଆକାଶରୁ ବର୍ଷା ବର୍ଷିବ ହିଁ ବର୍ଷିବ । ଜହ୍ନ କିରି କିରି ହସିବ ହିଁ ହସିବ । ବେଶ୍ ଖୁସି ଥିଲା ମନୋଜା । ସବୁବେଳେ ନିକି ସହିତ ରହିବାକୁ ହିଁ ପସନ୍ଦ କରୁଥିଲା । ଇଏ ତ ବଡ ଅଡୁଆ କଥାଟା । ନାବାଳିକା ଗର୍ଭବତୀ ହେବା କଥାଟାକୁ କିଏ ବା କେମିତି ହଜମ କରିପାରିବ ! ତା' ଛଡା ବଡଲୋକର ଝିଅ । ଗାଁ ଗଣ୍ଡା, ହାଟ ବଜାର, କଲେଜ ପରିସର – ସବୁଠି ଟୁପୁରୁଟାପର ଚାଲିଲା । ଶତ୍ରୁମାନଙ୍କୁ ତ ଗୋଟେ ବଡ ପ୍ରସଙ୍ଗ ମିଳିଗଲା । ସେମାନେ ମନୋଜା ବାପାର ଭାବମୂର୍ତ୍ତି ନଷ୍ଟ କରିବାକୁ ଆଗେଇ ଆସିଲେ । କଥା ଧୀରେ ଧୀରେ ସାମ୍ବାଦିକଙ୍କ କାନ ପର୍ଯ୍ୟନ୍ତ ଚାଲିଗଲା । ଖବରକାଗଜରେ 'ବଡଘର ବଡ ଗୁମର କଥା, ନାବାଳିକା ଝିଅ ଗର୍ଭବତୀ' ଶୀର୍ଷକରେ ଗୋଟେ ବଡ ଚାଞ୍ଚଲ୍ୟକର ଖବର ପ୍ରକାଶନ ହୋଇଗଲା । ସାରା ପଞ୍ଚାୟତ ହୁଲୁସ୍ଥୁଲ୍ । ଖରାପ ଖବର । ନାବାଳିକା ପୁଣି ବଡଲୋକର ଝିଅ । କ'ଣ କମ୍ ଖରାପ କଥା ! ମନୋଜା ବାପାଙ୍କ ମନରେ ରାଜନେତା ହେବାର ସ୍ୱପ୍ନ ଥାଏ । ତେଣୁ ଉପରସ୍ତରରେ ମନୋଜା ବାପାଙ୍କର ଖୁବ୍ ହାତ ଥାଏ । ଭବିଷ୍ୟତ ପୋଡି ଜଳି ପାଉଁଶ ହୋଇ ଯାଇପାରେ । ସେ ଖବର ଜାଣିବା ପରେ ବିବ୍ରତ ହୋଇଗଲେ । ରାସ୍ତାରେ ଚାଲୁଥିବା ବେଳେ ମୁଣ୍ଡ ଉପରକୁ କରି ଚାଲୁଥିଲେ ସେ । ହଠାତ୍ ମୁଣ୍ଡ ତଳକୁ ହେଲା । ଆଉ ତା' ପରେ ସେ ହେଲେ ରକ୍ତମୁଖା ।

ନାବାଳିକା ଝିଅ ପ୍ରତି ଯୌନ ଅତ୍ୟାଚାର । ଘଟଣାକୁ ଏମିତି ଭାବରେ ଏକ ନୂଆ ରୂପ ଦିଆଗଲା । ବଡଲୋକର ପୋଷା ଗୁଣ୍ଡାମାନେ ଘେରିଗଲେ । ଥାନାରେ ଏତଲା ଦିଆଗଲା । ପୋଲିସକୁ ଲଗାଇ ଦିଆଗଲା । ନିକିକୁ ଗିରଫ କରି ନିଆଗଲା ।

ନିକିର ମାଆ ମୁଣ୍ଡକୋଡି କାନ୍ଦିଲା । ହେଲେ ତାକୁ କେହି ଜଣେ ବୁଝାଇ ସାନ୍ତ୍ୱନା ଦେବାକୁ ନଥିଲେ । ବରଂ ଛି ଛାକର କରିବାରେ ଲାଗିଥିଲେ । ନିକିକୁ ଗିରିଫ କରାଯିବା ପରେ ଜେଲରେ ରହିଲା । କୋର୍ଟରେ ମକଦ୍ଦମା ଚାଲିଲା । ଶେଷରେ ତାକୁ ମିଳିଲା ସାତ ବର୍ଷର ଜେଲଦଣ୍ଡ । ପାଠ ପଢୁ ପଢୁ ଜେଲରେ ସଜା ଭୋଗିଲା ସେ । ଏପଟରେ ବଂଶ ବୁଡିଲା ବେଳକୁ ଘୋଡାମୁହାଁ ପୁଅଟିଏ ଜନ୍ମ ହୋଇଛି । ତା' ମା'କୁ ଲକ୍ଷ୍ୟ କରି ଗାଁ ସାରା ଲୋକେ ଏଇ କଥା ହିଁ କହୁଥିଲେ । କି ଦୋଷ ବା କରିଥିଲା ସେ ! ଶାସ୍ତି ମିଳିଲା, ଦଣ୍ଡ ବି ମିଳିଲା । ସମସ୍ତେ ତାକୁ କୁ ଚକ୍ଷୁରେ ଦେଖିବା ଆରମ୍ଭ କରିଦେଲେ । କଥା କଥାରେ ଥୁ ଥୁ କଲେ । ଓଃ ! କି କଷ୍ଟ ! କି ଯନ୍ତ୍ରଣା ସିଏ ! ଜେଲରେ ତା'ର ନିଃଶ୍ୱାସ ପ୍ରଶ୍ୱାସ ସ୍ୱାଛନ୍ଦ୍ୟରେ ଯିବା ଆସିବା କରି ପାରୁ ନଥିଲା । କେବଳ ଦୀର୍ଘଶ୍ୱାସ ଆଉ ଦୀର୍ଘଶ୍ୱାସ ଖସି ପଡୁଥିଲା । ସେ ତା'ର ଭୁଲ୍ ଖୋଜିବାରେ ଲାଗିଥିଲା । ଟିକେ ସୁଖ ପାଇଁ, ସ୍ୱପ୍ନ ପୂରଣ ପାଇଁ ମା'ର ସଂଘର୍ଷମୟ ଜୀବନରେ ଆସି ଯାଇଥିଲା ଲୁହର ବନ୍ୟା । ଯାହାକୁ ପାଖରେ ପାଉଥିଲା ପୁଅକୁ ନିର୍ଦ୍ଦୋଷ ବୋଲି କହି ଚାଲୁଥିଲା ସେ । ହେଲେ କିଏ ବୁଝୁଥିଲା ତା'ର କଥା ! କିଏ ଶୁଣୁଥିଲା ! କିଏ ବିଶ୍ୱାସ କରୁଥିଲା ! କେହି କେହି ତ ତାକୁ ଭର୍ତ୍ସନା କରି ଯନ୍ତ୍ରଣା ଦଗ୍ଧ କରି ଦେଉଥିଲେ ତା'ର କ୍ଷତକୁ । ସେ ନିରୁପାୟ ହେଉଥିଲା । ଶେଷରେ ନିଜ ଭାଗ୍ୟକୁ ନିନ୍ଦୁଥିଲା ।

ତେବେ ଜେଲ ଭିତରେ ଥାଇ ଏସବୁକୁ ଭାବି ଭାବି ଏଇଠୁ ନିକିର ମାନସିକ ଅବସାଦ ଆସିଗଲା । ନିଜକୁ ଆଦୌ ବୁଝାଇ ପାରିଲାନାହିଁ ସେ । ଗୋଟେ ସୁନ୍ଦର ଉପବନରେ କିଏ କାହିଁକି ଲଗାଇଦେଲା ନିଆଁ ! ସେ ଭାବିହେଲା ଖୁବ୍ । ଯେତେ ଯେତେ ସେ ଏଇ ସବୁ କଥାକୁ ଭାବିଲା ତା'ର ମାନସିକ ବିକାର ବଢିଲା । ଶେଷରେ ସେ ପାଗଳ ହୋଇଗଲା । ଅନ୍ଧାରକୁ କେହି ଆଲୁଅ କହେ କ'ଣ ଭ୍ରମକୁ କେହି ପ୍ରେମ କହେ କି ? ଛଳନାକୁ କେହି ସତ୍ୟ ମାନେ ?

ସତ୍ୟ ଠାରୁ ଏବେ ସେ ବହୁ ଦୂରରେ । କେବେ ସତ୍ୟକୁ ସାବ୍ୟସ୍ତ କରି ପାରିବନି ସେ । ତା'ର ଅପହୃତ ବିଶ୍ୱାସର ମଧ୍ୟ ପୁନରୁଦ୍ଧାର କରି ପାରିବନି । କେହି ବି କ୍ଷମା ଦେବେନି ତାକୁ । ମୁକ୍ତାକାଶ ତଳେ ମୁକ୍ତ ବିହଙ୍ଗ ଭଳି ବୁଲି ବୁଲି ସେ କେବଳ ସଜା ହିଁ ଭୋଗିବ । ଶେଷ ନିଃଶ୍ୱାସ ଯାଏ ଏଥିରୁ ତା'ର ନିସ୍ତାର ନାହିଁ । କାରଣ ସେ ପାଗଳ । ଏଠି କେହି ହୃଦୟବାନ୍ ଅଛ ହୋ ..... ?

ପାରିବ ତ ଆସ । ସତ୍ୟକୁ ସାବ୍ୟସ୍ତ କର । ଫେରାଇଦିଅ ତାକୁ ତା'ର ଅପହୃତ ବିଶ୍ୱାସ । ତାକୁ କ୍ଷମା ଦିଅ । ସଜା ମୁକ୍ତ କର ।

କିଏ ଅଛ ....... ?

*

- ସଚ୍ଚିଦାନନ୍ଦ କର
ନୂଆପଡା, ନୟାବଜାର,
କଟକ - ୪
ମୋ.- ୯୮୬୧୨୧୧୦୫୧




# ମା' ମଙ୍ଗଳା ଦେବୀଙ୍କ ୨୯ତମ ବାର୍ଷିକ ଉତ୍ସବ




**ଭାଣପୁର/କଟକ(ଏନ୍.ଏମ୍.) :** ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ଉପଲକ୍ଷେ ବହୁ ଆଡମ୍ବର ପୂର୍ଣ୍ଣ ସହକାରେ ମା ମଙ୍ଗଳା ଦେବୀଙ୍କ ଭବ୍ୟ ପୂଜାର୍ଚ୍ଚନା ହୋଇଯାଇଛି । ଚଳିତ ବର୍ଷ କାକଟପୁର ମା ମଙ୍ଗଳାଙ୍କ ଠାରୁ ଆଜ୍ଞାମାଳ ବ୍ରାହମଣଙ୍କ ଦ୍ୱାରା ଆସି ଭାଣପୁର ପ୍ରସିଦ୍ଧ ଦେବୀ ମା ମଙ୍ଗଳାଙ୍କ ନିକଟରେ ପହଞ୍ଚିଲା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥାଏ ବୋଲି କହିଛନ୍ତି ଗ୍ରାମର ମୁରବୀମାନେ । ଏହି କାର୍ଯ୍ୟ କ୍ରମରେ ବହୁଭକ୍ତ ଓ ଅତିଥି ମାନଙ୍କୁ ଦେଖିବାକୁ ମିଳିଥିଲା । ଆଲୋକ ସଜା ରେ ଝଲସୁଥିଲେ ମା ମଙ୍ଗଳା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ କୀର୍ତ୍ତନ ଓ ପ୍ରସାଦ ସେବନ ଖୁବ ଚିତାକର୍ଷକ ଥିଲା । କାର୍ଯ୍ୟ କ୍ରମରେ ଶିବ ଚରଣ ସାହୁ, ନବ ସାହୁ, ବିଜିନ ସାହୁ, ରାଜୁ ସାହୁ, ସୁକାନ୍ତ ସାହୁ ଓ ତ୍ରିଲୋଚନ ସାହୁ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ ।ସେହିପରି ଭାଣପୁର ପିର ବଜାର ଠାରେ ପ୍ୱିତ୍ର ପଣା ସଂକ୍ରାନ୍ତି ଉପଲକ୍ଷେ ହନୁମାନ ଜୟନ୍ତୀ ଖୁବ ଯାକଯକମ ରେ ପାଳିତ ହୋଇଯାଇଛି ।

# ବାସିଖାଦ୍ୟ ନେଲା ଛାତ୍ରୀଙ୍କ ଜୀବନ, ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କୁ ମାଡ ମାରିଲେ

**ବାରିପଦ(ଏନ୍.ଏମ୍.) :** ପଖାଳ ଭାତ ସହ ଆଳୁ ଆମ୍ବ ଚଟଣୀ ଖାଇ ଆଶ୍ରମ ସ୍କୁଲର ଶତାଧିକ ଅନ୍ତେବାସୀ ସୋମବାର ଅସୁସ୍ଥ ହୋଇ ପଡିଥିଲେ । ଚିକିତ୍ସା ଅବସ୍ଥାରେ ମଙ୍ଗଳବାର ଜଣେ ଛାତ୍ରୀରମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ମଙ୍ଗଳବାର ଡାକ୍ତରଖାନା ସମ୍ମୁଖରେ ମୃତ୍ୟୁ ଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅନ୍ୟ ପଟେ ଛାତ୍ରୀର ମୃତ୍ୟୁ ଶରୀର କାକବନ୍ଦ ଆଶ୍ରମ ନିକଟରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଗ୍ରାମବାସୀ ନିଆଁ ଜାଳି ରାଜଘାଟ ବାରିପଦା ରାସ୍ତା ଅବରୋଧ କରିଛନ୍ତି ।ଏପରିକି ଗାଡିରୁ ଶବ ଓହ୍ଲାଇବା ପାଇଁ ଦେଇନଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାଡ ମାରିବା ସହିତ ପୁଲିସ ଉପରକୁ ଢେଲା ମାଡ କରିଛନ୍ତି । ଢେଲା ମାଡରେ ରାସଗୋବିନ୍ଦପୁର ଆଇଆଇସି ପଦ୍ମ ଲୋଚନ ପାଣିଗ୍ରାହୀଙ୍କ ମୁଣ୍ଡ ଫାଟି ଯାଇଛି । ଫଳରେ ପୋଲିସ ତରଫରୁ ଲାଠିଚାର୍ଜ ସହିତ ଟିୟର ଗ୍ୟାସ ପ୍ରୟୋଗ ହୋଇଥିଡା ବେଳେ ଦୁଇ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ ।ଏଥିରେ ଅତିରିକ୍ତ ଏସପି ଦୀପକ ଗୋଛାୟତ ବେତନଟୀ ଏସଡିପିଓ ମୀନତୀ ବିଶ୍ୱାଳ ସହ ବେତନଟୀ ଥାନା ଅଧିକାରୀ କ୍ରୀଷ୍ଣା ପିଙ୍ଗୁଆ, ବଡ଼ସାହି ଥାନାଧିକାରୀ ସ୍ୱର୍ଣ୍ଣ ଲତା ମିଞ୍ଜ,ବିଡିଓ ଅନନ୍ତ କୁମାର ହାଁସଦା ଓ ତହସିଲଦାର ଉପେନ୍ଦ୍ର କୁମାର ଦାସ ଉତ୍ୟକ୍ତ ଲୋକେଙ୍କୁ ବୁଝାସୁଝା କରିଥିବା ଦେଖା ଯାଇଛି । ଘଟଣାରୁ ଜଣାପଡେ ୧୪୬ ରୁ ଅଧିକ ଛାତ୍ରଛାତ୍ରୀ ବାସି ପଖାଳ ଖାଇ ଓ ଆମ୍ବ ଚଟଣୀ ଖାଇ ଅସୁସ୍ଥ ହୋଇ ପଡିଥିଲେ ।ପ୍ରଥମେ ସମସ୍ତଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଥିଲା । ସେଥି ମଧ୍ୟରୁ ୬୦ ଜଣ ଅଧିକ ଗୁରୁତର ହେବାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜରେ ଚିକିତ୍ସା କରାଯାଇଥିଲା । ଚିକିତ୍ସା ଅବସ୍ଥାରେ ପଞ୍ଚମ ଶ୍ରେଣୀର ଛାତ୍ରୀ ରାସଗୋବିନ୍ଦପୁର ବ୍ଲକ ଲୁଣଚାଟି ଗ୍ରାମର ଦୁର୍ଗା ବେଶ୍ରାଙ୍କ



- ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ
- ଢେଲା ମାଡରେ ଆଇଆଇସିଙ୍କ ମୁଣ୍ଡ ଫାଟିଲା
- ପ୍ରଧାନଶିକ୍ଷକ ନିଲମ୍ବିତ
- ୭ ଲକ୍ଷ କ୍ଷତିପୂରଣ, ଚାକିରି ପ୍ରତିଶ୍ରୁତ

ଝିଅ ରୁପାଲି (୧୨)ଙ୍କ ମୃତ୍ୟୁ ହୋଇଥିଲା । ଏହାକୁ କେନ୍ଦ୍ର କରି ବିଜେଡି ପକ୍ଷରୁ ଶବରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୃତକ ପରିବାରକୁ ୨୫ ଲକ୍ଷ ପ୍ରଦାନ କରାଯିବା ସହିତ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ,ଡିଡବ୍ଲୁଇଓ, ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ ପାଇଁ ବିଜେଡ଼ି ତରଫରୁ ଦାବି ହୋଇଥିଲା ।ଏଥିରେ ପୁର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା,, ପୁର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୁର୍ବତନ ବିଧାୟକ ରାଜକିଶୋର ଖ ଦାସ, ସମାଜସେବୀ ଅମର ସେଠୀ ସହିତ ଶତାଧିକ ବିଜେଡି ଦଳ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଖବରପାଇ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ,ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, କରଞ୍ଜିଆ ଉପ ଜିଲ୍ଲାପାଳ ଦୟା ସିନ୍ଧୁ ପରିଡା ପ୍ରମୁଖ ପହଞ୍ଚି ବିକ୍ଷୋଭକାରୀ ମାନଙ୍କ ସହିତ କଥାବାର୍ତ୍ତା କରିଥିଲେ । ମୃତକ ପରିବାରକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣର ସହିତ ମୃତକ ପରିବାର ଜଣଙ୍କୁ ଚାକିରୀ ପ୍ରଦାନ ନେଇ ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି । ଘଟଣାର ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଟିମ୍ ଗଠନ ହୋଇଛି । ରିପୋର୍ଟ ଆସିବାପରେ ଅନ୍ୟ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସୟ କହିଛନ୍ତି । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ବିରୋଧୀ ଏହାକୁ ନେଇ ରାଜନୀତି କରନ୍ତୁ ନାହିଁ । ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ବୁଧବାର ବାଲେଶ୍ୱର ଡିଆଜି ପିନାକୀ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି ।ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଏବେ ମଧ ଉତ୍ତେଜନା ଜାରି ରହିଛି । ଜିଲ୍ଲାପାଳ ଜିଲ୍ଲାରେଥିବା ସମସ୍ତ ଆଶ୍ରମ ସ୍କୁଲ୍ ପରିଦର୍ଶନ କରି କିପରି ଖାଦ୍ୟ ପ୍ରଦାନ କରାଯାଇଛି ତାହା ତଦନ୍ତ କରନ୍ତୁ ବୋଲି ଦାବି ହୋଇଛି ।

# ଜଳଛତ୍ର ଶିବିର ଉଦ୍ଘାଟିତ




**ବଡ଼ଚଣା(ଏନ୍.ଏମ୍.) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅସହାୟର ସାଥୀ' ତରଫରୁ ପବିତ୍ର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଜଳ ଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ତଥା ସମାଜସେବୀ ହିମାଂଶୁ ଭୂଷଣ ଜେନା । ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଟିକାରେ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ତିନି ହଜାର ପାଞ୍ଚ ଶହରୁ ଅଧିକ ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକଙ୍କୁ ସୁସ୍ୱାଦୁ ଦହି ପଣା ଓ ଥଣ୍ଡା ଓ ଆର୍ ଏସ୍ ବଣ୍ଟନ କରାଯାଇଥିଲା । ଅସହାୟର ସାଥୀ ପରିବାର ର ସଭାପତି ପ୍ରଦୀପ କୁମାର ଦାଶ, ସଂପାଦକ ଅବିନାଶ ପାଢ଼ୀ, କୋଷାଧ୍ୟକ୍ଷ ବିଶ୍ୱଜିତ ମହାରଣା, ସାଗର ଦାସ , ରମାକାନ୍ତ ପ୍ରଧାନ, ଲାଲୁପ୍ରସାଦ ଦାସ, ଶୁଭଲକ୍ଷ୍ମୀ ଜେନା, ସତ୍ୟଶଙ୍କର ମହାନ୍ତି ସମେତ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ । ପ୍ରକାଶ ଥାଉକି ଅସହାୟର ସାଥୀ ବିଗତ ବର୍ଷମାନଙ୍କରେ ଜଳ ସେବା, ମେଗା ରକ୍ତ ଦାନ ଶିବିର, ନିସ୍ୱ ଓ ଅସହାୟ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ ପରି ବହୁ ଜନହିତକର କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି ।

# ବିରଜା ବିଦ୍ୟାମନ୍ଦିରର ୧୯ ତମ ବାର୍ଷିକ ଉତ୍ସବ

**ଯାଜପୁର(ଏନ୍.ଏମ୍.) :** ସାହାସପୁର ପଞ୍ଚାୟତ ଗୋବିନ୍ଦ ପୁର ଗ୍ରାମର ବିରଜା ବିଦ୍ୟା ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ବିଦ୍ୟାଳୟର ସଭାପତି ଆରତୀ ସାହାଣୀ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ପାଠ ପଢିବା ସହ ଖେଳ, ଦୌଡ ସଙ୍ଗୀତ, ନୃତ୍ୟ ସମେତ ଯେକୌଣସି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିବାସହ ରାଜ୍ୟ ତଥା ଦେଶର ଗୌରବ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ପାଢ଼ୀ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ କରି ଗଢ଼ିବାକୁ ହେଲେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ତଥା ଲାୟନ୍ସ କ୍ଲବ୍ ଯାଜପୁରର ସଭାପତି ସମର ବିଜୟ ସରଣ ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ ଓ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ରାଉତ,ଏରବାଙ୍କ କ୍ଲଷ୍ଟରର ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ ମଧ ଯୋଗ ଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଓ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତଃ ବିଜୟ କୁମାର ସାହାଣୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ ।ସମ୍ପାଦକ ପ୍ରଶାନ୍ତ କୁମାର ନକ୍ଷଥଶର୍ମା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟକ୍ଷ ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହାଣୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା କୃତୀ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ପରେ କୁନିକୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କଣ୍ଠଶିଳ୍ପୀ ସୌକନ୍ୟା ରଥଙ୍କ କଣ୍ଠରେ ଓଡ଼ିଆ ସଙ୍ଗୀତର ମୂର୍ଚ୍ଛନାରେ ଉପସ୍ଥିତ ଥିବା ଅଭିଭାବକମାନେ ମନ୍ତ୍ରମୁଗ୍ଧ ହୋଇ ଯାଇଥିଲେ । ଅନ୍ୟମାନଙ୍କ ମଧରେ ଆଇନଜୀବୀ ମିହିର କୁମାର ମହାପାତ୍ର ଯୋଗ ଦେଇଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଶ୍ରୀ ନାଥଶର୍ମା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ବିଧାୟକଙ୍କ ଦ୍ୱାରା ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଭୂମି ପୂଜନ




**ରାଉରକେଲା(ଏନ୍.ଏମ୍.) :** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ନୂଆ ଗର୍ଜନବାହାଲ ଗ୍ରାମ ଠାରେ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗ ଦେଇ ଭୂମି ପୂଜନରେ କର୍ତ୍ତା ହୋଇ ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ସିଂ ହାଇସ୍କୁଲ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ହେମଗିର ବିଜେଡି ଦଳର ସଭାପତି ସୁଶାନ୍ତ ପତି,ବୈଦେଶ୍ୱର ମାଝୀ, ସ୍କୁଲ ପ୍ରତିଷ୍ଠାତା ବିପିନ ବିହାରୀ ନାଏକ, ଗର୍ଜନ ବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ, ଧର୍ମୁ କିଶାନ, ବିରେନ୍ଦ୍ର କିଶାନ, ଜନ୍ମଜୟ ସାହୁ,ଅଶୋକ କୁମାର ଅଗ୍ରୱାଲ, ପୁର୍ବତନ ଶିକ୍ଷକ ଶିଶିର ଚୌଧୁରୀ,ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା, ସମିତି ସଭ୍ୟ ଧନେଶ୍ୱର ବଗର୍ତ୍ତି, ଲକ୍ଷ୍ମୀକାନ୍ତ ନାଏକ,ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝୀ,ସଚିନ୍ଦ୍ର ମାଝୀ, ଉପେନ୍ଦ୍ର ମାଝୀ, ବଡ଼ ବ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନର ମଧୁବାବୁଙ୍କ ପ୍ରତି ଚରମ ଅବହେଳା : ନଗର କଂଗ୍ରେସ



**କଟକ(ଏନ୍.ଏମ୍.) :** ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତି ପ୍ରଶାସନର ଚରମ ଅବହେଳାକୁ ନେଇ କଟକ ନଗର (ଜିଲ୍ଲା) କଂଗ୍ରେସ ପକ୍ଷରୁ ସଭାପତି ଶାନ୍ତାୟାନ ମିଶ୍ରଙ୍କ ସଭାପତିତ୍ୱରେ ଓଏମପିସ୍ଥିତ ଡାକବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ରାଜ୍ୟ ସରକାରଙ୍କ ଉପରେ ଖୁବ ବର୍ଷିଛନ୍ତି । ଗତ ୧୨ତାରିଖରେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ ବନ୍ଦନୀୟ ବରପୁତ୍ର ନାମରେ ଏକ ବିଜ୍ଞାପନ ନିର୍ଦ୍ଦିଷ୍ଟ କେତେକ ଖବର କାଗଜରେ ପ୍ରକାଶିତ ହୋଇଥିଲା । ବରପୁତ୍ରଙ୍କ ତ୍ୟାଗରେ ପୁଲକିତ ଓଡ଼ିଶା ମାଟି, ତାଙ୍କ ପାଇଁ ଝଲସୁଛି ଆମ ଭାଷା ଓ ପରିପାଟୀ ବୋଲି ଏକ ଟ୍ୟାଗ ଲାଇନ୍ ଲେଖା ସହ ଓଡ଼ିଶାର ପ୍ରମୁଖ ବରପୁତ୍ର ମାନଙ୍କ ଫଟୋ ମଧ ଏଥିରେ ସ୍ଥାନିତ ରହିଥିଲା । ମାତ୍ର ଦୁଃଖ ଓ ପରିତାପର ବିଷୟ କୁଳବୃଦ୍ଧ, ଓଡ଼ିଆ ଜାତିର ମୂରବୀ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଏଥିରେ ସ୍ଥାନିତ ହୋଇନଥିଲା । ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ମଧୁବାବୁଙ୍କୁ କିପରି ଭୁଲିଗଲେ ବୋଲି ପ୍ରଶ୍ନ କରିଛି କଂଗ୍ରେସ । ଏହା ସମଗ୍ର ସ୍ୱାଭିମାନୀ ଓଡ଼ିଆ ଜାତି ପ୍ରତି ବିଦ୍ରୁପ ସଦୃଶ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ସେଲର ଅଧକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ପିସିସିର ପ୍ରାକ୍ତନ ସମ୍ପାଦକ ପ୍ରୀୟଜିତ୍ ରାୟ ଓ ଦିଲ୍ଲୀପ ମହାନ୍ତି, ପିସିସି ମିଡିଆ ପାନେଲିଷ୍ଟ ଅଶୋକ ସ୍ୱାଇଁ, କଟକ ନଗର କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ ପ୍ରମୁଖ ରାଜ୍ୟ ସରକାର ଓ ପ୍ରଶାସନର ଏପରି ହୀନମନ୍ୟତା ପାଇଁ କଡ଼ା ସମାଲୋଚନା କରିବା ସହ ରାଜ୍ୟ ସରକାର ଏଥିପାଇଁ ତୁରନ୍ତ ରାଜ୍ୟବାସୀଙ୍କ ପାଖରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବୀ କରିଛନ୍ତି । ନଚେତ୍ ଆଗାମୀ ଦିନରେ ମଧୁବାବୁଙ୍କର ଏହି କର୍ମଭୂମି କଟକ ସହରରୁ ପ୍ରତିବାଦର ସ୍ୱର ଶାଣିତ ହୋଇ ସାରା ରାଜ୍ୟକୁ ବ୍ୟାପିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃମଣ୍ଡଳୀଙ୍କ ମଧରେ ବରିଷ୍ଠ କଂଗ୍ରେସ ନେତା ରାଜେନ୍ଦ୍ର ପଟ୍ଟନାୟକ, ପିସିସିର ପ୍ରାକ୍ତନ ସମ୍ପାଦକ ବରଦା ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ଶିଶିର ରଥ, ରାଜେଶ୍ ସ୍ୱାଇଁ, ନିର୍ମଳ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ବିପନ ପଶାୟତ, ପ୍ରଦୀପ ପ୍ରଧାନ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ହିମାଂଶୁ ରାଉତ୍, ଛାତ୍ରନେତା ନିରଞ୍ଜନ ଦାସ, ଯୁବନେତା ଗୋକୁଳ ସିହ୍ନା, ଦିଲ୍ଲୀପ ଦଳାଇ, ଜ୍ଞାନେଶ୍ୱ ନାୟକ, ଆଇନଜୀବୀ ଫେଲୁ ପଟ୍ଟନାୟକ, ପ୍ରଦୀପ ସାହୁ, ସୌମେନ୍ଦ୍ର ମହାନ୍ତି, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ଭୁବନେଶ୍ୱରରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସଭାରେ କଟକ ବାରବାଟୀର ନିଲମ୍ବିତ ବିଧାୟିକା ଯୋଗ ଦେଇଥିବା ଜଣାପଡ଼ିବା ପରେ ସୋଫିଆ ତୁରନ୍ତ କଂଗ୍ରେସ ଦଳରୁ ଇସ୍ତଫା ଆଗ ଦିଅନ୍ତୁ, ତାପରେ ତାଙ୍କ ବାପାଙ୍କ ଗଢ଼ିଥିବା ଦଳ ଓଜେସିରେ ଯୋଗ ଦିଅନ୍ତୁ ବୋଲି ନଗର କଂଗ୍ରେସ ସଭାପତି ଶ୍ରୀ ମିଶ୍ର କହିଥିଲେ ।

# ୮ ଲକ୍ଷ ୪୭ ହଜାର ୫ ଶହ ଟଙ୍କା ନକଲି ନୋଟ୍
## ବ୍ୟବହୃତ ଗାଡି ଓ ୨ ଟି ମୋବାଇଲ ଜବତ : ୨ ଗିରଫ







**ସୁବର୍ଣ୍ଣପୁର(ଏନ୍.ଏମ୍.) :** ସୁବର୍ଣ୍ଣପୁର ଜିଲ୍ଲା ତଥା ସୋନପୁର ଥାନା ଏସଆଇ ଅନିଲ ବେହେରା ଥାନା କର୍ମଚାରୀଙ୍କ ସହିତ ସହରରେ ଗତ କାଲି ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହଜନକ ଭାବରେ ବ୍ଲକ ଛକ ନିକଟରେ ଏକ କଳା ରଙ୍ଗର ସ୍କୋର୍ପିଓ ଯାହାର ପଞ୍ଜିକୃତ ନମ୍ବର ଓଡି ୩୪ ଜେଡ ୧୯୧୯ (ଓ ଡ଼ି ୩୪ ଜେଡ ୧୯୧୯) ଗାଡିକୁ ଅଟକାଇଥିଲେ । ସେହି ଗାଡି ଯାଞ୍ଚ କରିବା ସମୟରେ ପୁଲିସ ଟିମ ଯାଜପୁର ଜିଲ୍ଲା ଯଖପୁର ଗ୍ରାମର ଅଭିଳାଷ ପୁରୁଷୋତ୍ତମ ଶତପଥୀ ଏବଂ ନୟାଗଡ଼ ଜିଲ୍ଲା ଖନପା ଥାନା ମର୍ଦ୍ଦରାଜପୁର ପ୍ରଶାନ୍ତ ଦାସଙ୍କ ପାଖରେ ଥିବା ଗୋଟିଏ ନୀଳ ରଙ୍ଗର କ୍ୟାରି ବ୍ୟାଗ ପାଇଥିଲେ । ଉକ୍ତ ବ୍ୟାଗକୁ ଖୋଲି ଦେଖିବାରେ ସେହି କ୍ୟାରି ବ୍ୟାଗରୁ ୧୬୯୫ ଗୋଟି ୫୦୦ ଟଙ୍କିଆ ନକଲି ଭାରତୀୟ ମୁଦ୍ରା ନୋଟ୍ ଜବତ କରିଥିଲ । ଯାହା ୮ ଲକ୍ଷ ୪୭ ହଜାର ୫ ଶହ ଟଙ୍କା ହେଉଛି । ପଚରାଉଚରା ସମୟରେ ଉପରୋକ୍ତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ ଯେ ସେମାନେ ବରଗଡ଼ ଜିଲ୍ଲାରୁ ଏହା ସଂଗ୍ରହ କରି ସୁବର୍ଣ୍ଣପୁର ଜିଲ୍ଲା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଚାଲାଣ କରୁଥିଲେ । ସୋନପୁର ଥାନା କେସ ନମ୍ବର ୧୨୬/ ତା ୧୪ . ୦୪ ୨୦୨୬ ଅନୁସାରେ ପୁଲିସ ଏକ ମକଦ୍ଦମା ରୁଜୁ କରି ଆଜି ଦୁଇ ଅଭିଯୁକ୍ତ କୁ ଗିରଫ କରିବା ସହ ତଦନ୍ତ ଜାରି ରହିଛି । ଏହି ଅଭିଯୁକ୍ତମାନଙ୍କୁ ମାନ୍ୟବର କୋର୍ଟରେ ହାଜର କରା ଯାଇଛି । ଏ ସମ୍ପର୍କରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ସୂଚନା ଦେଇଛନ୍ତି ।

# ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍ଯାପିତ




**ଭୁବନେଶ୍ୱର (ଏନ୍.ଏମ୍.) :** ୭୮ ତମ ରାଜଧାନୀ ପ୍ରତିଷ୍ଠା ଦିବସ, ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଉଦଯାପିତ ହୋଇଯାଇଛି । ଦ୍ୱିତୀୟ ତଥା ଉଦଯାପନୀ ଦିବସ ସନ୍ଧ୍ୟାରେ ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନ ପାଇଁ ସେ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ । ଏଥି ସହିତ ରାଜଧାନୀକୁ ଏକ ବିକଶିତ ତଥା ଉନ୍ନତ ସହର ଭାବେ ଗଢି ତୋଳିବାକୁ ସେ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା କାମନା କରିଥିଲେ । ଉଦଯାପନୀ ସଂଧାରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପ ସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଆୟୋଜନ ଓ ସମସ୍ତ ସହଯୋଗକୁ ପ୍ରଶଂସା କରିଥିଲେ । ଏଥି ସହିତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥା ମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ମିଡିଆ ଫେଡେରେସନର ଉପଦେଷ୍ଟା ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ମଳୟ କୁମାର ବେହେରା, ଶୁଭଙ୍କର କୁମାର ଏବଂ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଗଞ୍ଜାମର ପଶୁ ମୁଖା ନୃତ୍ୟ, ମୟୁରଭଞ୍ଜ, କରଞ୍ଜିଆର ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ମାଳଖମ୍ବ, ସୁବାସ ଦାସ ଏବଂ ସାଥିଙ୍କ ଦ୍ୱାରା ଭଜନ, ଲଘୁ ସଂଗୀତ ପରିବେଷଣ କରାଯାଇଥିବା ବେଳେ ବାସୁଦେବ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




## ବାଣପୁରରେ ନିଆରା ପରମ୍ପରା

# ଐତିହାସିକ ପଲଟଣ ପଡ଼ିଆରେ ଦଣ୍ଡଠାକୁର ମେଳଣ



**ବାଣପୁର(ଏନ୍.ଏମ୍.):** ବାଣପୁର ଐତିହାସିକ ପଲଟଣ ପଡ଼ିଆରେ ତ୍ରୟୋଦଶ କୋଠୀ ଦଣ୍ଡ ଠାକୁରଙ୍କ ଭବ୍ୟ ମହା ମେଳଣ ରବିବାର ଦିନ ସଂଧାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାର ଓଡ଼ିଆ ଭାଷା ପକ୍ଷ ପାଳନ କରୁଥିବା ଅବସରରେ ବାଣପୁର ବାସୀଙ୍କର ଦଣ୍ଡ ମିଳନ ଓଡ଼ିଆ ଅସ୍ମିତାର ପରିଚୟ ଦିଏ । ଦଣ୍ଡଯାତ୍ରା ଓଡ଼ିଶାର ପ୍ରାଚୀନ ଓ ଧାର୍ମିକ ଲୋକନୃତ୍ୟ, ଯାହା କେବଳ ନୃତ୍ୟ ନୁହେଁ, ଏହା ଭକ୍ତି, ତପସ୍ୟା ଓ ସଂସ୍କୃତିର ଏକ ଅଦ୍ଭୁତ ସମ୍ମିଳନୀ । ପ୍ରଥମେ ସ୍ଥାନାଧିପତି ଶ୍ରୀ ବାବା ରାଜ ରାଜେଶ୍ୱର ବିଜେ ବଡହନ୍ତୁଆଡ ପାଟ ପଟୁଆର ଖୋଳ କରତାଳ ହର ହର ମହାଦେବ, ହରିବୋଲ ହୁଳହୁଳି ଧ୍ୱନିରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପଡିଆ ମଧ୍ୟକୁ ପ୍ରବେଶ କରିବା ପରେ ଅନ୍ୟ ଠାକୁର ମାନେ ବାବା କପିଳେଶ୍ୱର ଦେବ ବିଜେ ମାଟିଆପୋଖରୀ, ବାବା ଭକ୍ତ ରାଜେଶ୍ୱର ଦେବ ବିଜେ ସାନହନ୍ତୁଆଡ, ବାବା ବାଲୁଙ୍କେଶ୍ୱର ଦେବ ବିଜେ ବିଧାରପୁର, ବାବା ଭେଟିନାଥ ଦେବ ବିଜେ ଭେଟେଶ୍ୱର, ବାବା ଗୁପ୍ତେଶ୍ୱର ଦେବ ବିଜେ ଗାଲୁଆ, ବାବା ଝାଡେଶ୍ୱର ଦେବ ବିଜେ ଭୀମପୁର, ବାବା ଗୁପ୍ତେଶ୍ୱର ଦେବବିଜେ ବଡଶିରେଇପୁର, ବାବା ନୀଳକଣ୍ଠେଶ୍ୱର ବିଜେ ଅରାଙ୍ଗ, ବାବା ପଞ୍ଚ ମହାଦେବ ବିଜେ ଖାରିଆପଲ୍ଲୀ , ବାବା ନାଗରାଜେଶ୍ୱର ବିଜେ ବୋରିଗାଁ, ବାବା ଗାଦିଶ୍ୱର ଦେବ ବିଜେ ବେରୁଆବାଡି, ବାବା ଜଗତେଶ୍ୱର ଦେବ ମଙ୍ଗଳପୁର, ଆଦି ତେର କୋଠି ଦଣ୍ଡ ଠାକୁରଙ୍କ ପାଟ ଭଗତା ଓ ଦଣ୍ଡୁଆଙ୍କ କଠୋର ଦଣ୍ଡ ନାଚ ବେଶ୍ ଚିତ୍ତାକର୍ଷକ ଥିଲା । କଳା ରୁଦ୍ରମଣିଭଜେ, ବାନାମ୍ବର ହେ ଶିବ ଶଙ୍କର, ପାର୍ବତୀ ପ୍ରାଣନାଥ,ଏକ ଡାକେ ହନୁମନ୍ତ, ଦୁଇ ଡାକେ କଟୁଆଳ, ଫିଟିଲା ରୁଦ୍ର କବାଟ, ବାନାମ୍ବର ହେ, କୈଳାସ ବାସୀ, ଧ୍ୱନିରେ ଆଧାତ୍ମିକ ପରିବେଶ ମଧ୍ୟରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି ନିଜ ନିଜର ଆସନ ଅଳଙ୍କୃତ କରିଥିଲେ । ସମସ୍ତ ଠାକୁରଙ୍କ ରୀତିନୀତି ଅନୁସାରେ ପୂଜା ପାଠ ପରେ, ମହା ମେଳଣ ଅନୁଷ୍ଠିତ ହୋଇଥିଲା । ଏକ ସ୍ଥାନରେ ତେର କୋଠି ଠାକୁରଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ରୁଣ୍ଡିଭୂତ ହୋଇଥିଲେ । ପାରମ୍ପରିକ ଲୋକକଳା ଦଣ୍ଡ ନୃତ୍ୟ,ଚଢାଇ ସୁଆଙ୍ଗ ପରିବେଷଣ ଉଚ୍ଚ କୋଠାରେ ଥିଲା । ଦର୍ଶକମାନେ ଦଣ୍ଡ ନୃତ୍ୟକୁ ଦେଖି ଖୁସି ଅନୁଭବ କରୁଥିଲେ । ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଠାକୁରଙ୍କୁ ଦର୍ଶନ କରି କୃପା ଭିକ୍ଷା କରିବା ସହ ଅଞ୍ଚଳ ବାସୀଙ୍କ ମଙ୍ଗଳ କାମନା କରିଥିଲେ । ଦଣ୍ଡମେଳନକୁ କମିଟିର ମାଧବ ଚନ୍ଦ୍ର ବାରିକି, ବୀରଭଦ୍ର କାଣ୍ଡି, ଦୁଷ୍ମନ୍ତ ହରିଚନ୍ଦନ, ବିଜୟ ବିଶ୍ୱାଳ, ନବ ପ୍ରଧାନ, ଶରତ ଚନ୍ଦ୍ର ଶତ୍ରୁସଲ୍ୟ, ଜୟ କୃଷ୍ଣ ଦାସ ନନ୍ଦକିଶୋର ମିଶ୍ର, ଲୋକନାଥ ପ୍ରଧାନ, ବାଳ ମୁକୁନ୍ଦ ଦାସ,ଶିଶିର ଦାସ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରି ସର୍ବାଙ୍ଗ ସୁନ୍ଦର କରିଥିବା ବେଳେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା ଶାନ୍ତି ଶୃଙ୍ଖଳା ସହିତ ଏହି ପବିତ୍ର ଦଣ୍ଡ ମିଳନକୁ ସଫଳ କରିଥିଲେ ।

## ୧୫ରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି

**ଖମାର(ଏନ୍.ଏମ୍.):** ଅନୁଗୁଳ ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ବିଧାୟକ ଅଶୋକ ମହାନ୍ତି ୧୯୮୩ ମସିହାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତା ଭାବେ କାର୍ଯ୍ୟ କରି ଆସିଛନ୍ତି । ପରବର୍ତ୍ତୀ ସମୟରେ ବିଜେପିର ବହୁ ପଦ ପଦବୀରେ ରହି ସଂଗଠନକୁ ସୁଦୃଢ କରିଛନ୍ତି । ଅନୁଗୁଳ ଜିଲ୍ଲାର ୩ ଥର ବିଜେପିର ସଭାପତି ଭାବେ କାର୍ଯ୍ୟ କରି ବିଜେପି ସଂଗଠନକୁ ମଜବୁତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପାଲଲହଡା ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ କମିଟିରେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ସେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ା ଦେବେନ୍ଦ୍ର ପ୍ରଧାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅନୁଗାମୀ ଭାବେ ବହୁ ବର୍ଷ ଧରି କାର୍ଯ୍ୟ କରିଚନ୍ତି । ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ରୁଦ୍ର ନାରାୟଣ ପାଣିଙ୍କର ଘନିଷ୍ଠ ସହଯୋଗୀ । ତାଙ୍କୁ ରାଜ୍ୟ ସରକାର ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନ୍ୟସ୍ତ କରିଥିବାରୁ ସମଗ୍ର ଅଞ୍ଚଳରେ ତଥା ଜିଲ୍ଲାରେ ଖୁସିର ମାହୋଲ ଖେଳି ଯାଇଛି । ଶ୍ରୀ ମହାନ୍ତି ଏପ୍ରିଲ ୧୫ ବୁଧବାର ଦିନ ସକାଳ ନଅ ଟାରେ ବିଧିବଦ୍ଧ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କଚ୍ଛିନ୍ତି ।



## 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ' କାର୍ଯ୍ୟକ୍ରମ




**ନବରଙ୍ଗପୁର(ଏନ୍.ଏମ୍.):** ଅଶୋକ ମେହେଟା ସମ୍ମିଳନୀ ସଭାଗୃହରେ "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ଅବସରରେ ବିଜ୍ଞାନ ଭବନ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଏଡିପିଏଚଓ ଡ. ମଳୟ ତ୍ରିପାଠୀ, ଡିଆଇପିଆର୍ ଓ ମନୋଜ ବେହେରା, ଏଡିଇଓ ସୁପ୍ରିୟା ନାୟକ,ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ସକାଳ ୧୧ଟାରୁ ଲାଇଭ୍ ପ୍ରସାରଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ କରି ନାରୀ ସଶକ୍ତିକରଣ ଓ ଦେଶ ଗଠନରେ ମହିଳାଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ ।

## ହିଞ୍ଜିଳି ଥାନା ଅଧିକାରୀ ସମ୍ମାନିତ

**ଗଞ୍ଜାମ(ଏନ୍.ଏମ୍.):** ଗତ ଫେବୃଆରୀ ମାସରେ ଗଞ୍ଜାମ ଜିଲ୍ଲାର ୨୬ଟି ଥାନା ମଧ୍ୟରେ ସାଇବର ସୁରକ୍ଷା ସଚେତନତା ତଥା ସାଇବର୍ କବଚରେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଲୋକଙ୍କୁ ଠକୁଥିବା ନଅ ଅପରାଧୀଙ୍କୁ ଧରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେମାନଙ୍କ ୩୫ ଲକ୍ଷ ଟଙ୍କାର ଆକାଉଣ୍ଟ କୁ ଜବତ କରିବା, ଅଧିକରୁ ଅଧିକ ତଦନ୍ତ ଜାରି ରଖିବା ଓ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ସମ୍ମାନିତ କରାଯାଇଛି । ଆଜି ଗଞ୍ଜାମ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି । ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷିରେ ହିଞ୍ଜିଳି ଥାନା ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ ଓ ଗ୍ରାମାଂଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଲୋକମାନଙ୍କୁ ଅନଲାଇନ ଠକେଇ, ଓଟିପି ଠକେଇ, ଭୁଆ ଲିଙ୍କ ଓ ସୋସିଆଲ ମିଡିଆ ଦୁରୁପଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା । ଏହା ଫଳରେ ଅନେକ ଲୋକ ସାଇବର ଠକେଇରୁ ସୁରକ୍ଷିତ ରହିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ସଫଳତା ପାଇଁ ହିଞ୍ଜିଳି ଥାନା ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମକୁ ଏସପି ପ୍ରଶଂସା କରିଥିଲେ । ଆଗାମୀ ଦିନରେ ମଧ୍ୟ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଧାନସାହି ପଞ୍ଚାୟତ ଭବନରେ ଓଡିଆ ପକ୍ଷ, ଖାଦ୍ୟ ପ୍ରଦର୍ଶନୀ

# ପାରମ୍ପରିକ ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ, ବରଂ ଏହା ଆମ ସଂସ୍କୃତିର ପରିଚୟ; ଶ୍ରୀ ହାତୀ

**ଭୁବନେଶ୍ୱର(ଏନ୍.ଏମ୍.):** ଜଟଣୀ ବ୍ଲକ ଆଗ୍ରହ କ୍ରମେ ଓଡିଶା ସରକାରଙ୍କ ଓଡିଆ ପକ୍ଷ ପାଳନ ନିମନ୍ତେ, ପଧାନସାହି ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ସ୍ଥାନୀୟ ସରପଞ୍ଚ ଅନାମ ଚରଣ ସେନାପତିଙ୍କ ଆବାହକତ୍ୱରେ ଆମ ରଚି ଆମ ଖାଦ୍ୟର ଏକ ବିରାଟ ମେଳା ଲାଗିଥିଲା । ଏହି ମେଳାରେ ଜଟଣୀ ବ୍ଲକ ଅଧିନରେ ଥିବା ସମସ୍ତ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଓଡିଆ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରିବା ପାଇଁ ୩୫ରୁ ଉର୍ଦ୍ଧ୍ୱ ଷ୍ଟଲ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ନିଜ ନିଜର ସ୍ୱାଦିଷ୍ଟ ପିଠାପଣାରେ ଦର୍ଶକଙ୍କ ମନ ମୋହିଥିଲେ । ଏହା ସହିତ ଓଡିଆ ଝୋଟିର ପ୍ରତିଯୋଗିତାମଧ୍ୟ ଆୟୋଜିତ ହୋଇଥିଲା । ମହିଳାମାନେ ଆକର୍ଷଣୀୟ ଝୋଟି ପ୍ରସ୍ତୁତ କରିଥିଲେ । ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବ୍ଲକ ତରଫରୁ ବିଭିନ୍ନ ବିଭାଗର ଷ୍ଟଲମାନ ପ୍ରଦର୍ଶିତ ହୋଇଥିଲା । ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସରକାରୀ ଯୋଜନାମାନ ଲୋକଙ୍କୁ ବୁଝାଉଥିବାର ଦେଖାଯାଇଥିଲା । ଦିନ ୯ଟାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ମେଳା ଉପଭୋଗ କରିଥିଲେ । ଶେଷରେ ବିଚାରକ ମଣ୍ଡଳୀ ଦ୍ୱାରା ନିର୍ଣ୍ଣୟ ନିଆଯାଇ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତି ଏବଂ ଝୋଟି ପ୍ରତିଯୋଗିତାରେ ବିଜେତା ଗୋଷ୍ଠୀମାନଙ୍କୁ ବ୍ଲକ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ ପୁରସ୍କୃତ କରିଥିଲେ । ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ହେଲେ ପରମ୍ପରା ଏସଏଚଜି,ଦ୍ୱିତୀୟ ହେଲେ ଓଁ ଶ୍ରୀରାମ ଏସଏଚଜି ଏବଂ ତୃତୀୟ ସ୍ଥାନ ଅଧିକାର କଲେ ସମର୍ଥ ଏସଏଚଜି, ସେହିପରି ଝୋଟି ପ୍ରତିଯୋଗିତାରେ ସାଇକୃପା ଓ ପରମ୍ପରାଏସଏଚଜି ପ୍ରଥମ, ମା ଜୋଗେଶ୍ୱରୀ ଏସଏଚଜି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିଲେ ପାର୍ବତୀ ଏସଏଚଜି ଓ ମମତାମୟୀ ଏସଏଚଜି । କାର୍ଯ୍ୟକ୍ରମ ମଧ୍ୟରେ ଏକ ବ୍ୟତିକ୍ରମ ଦେଖାଯାଇଥିଲା । କିଛି ସମୟ ପାଇଁ ବିଦ୍ୟୁତ ବିଭ୍ରାଟ ହେବା ସତ୍ତ୍ୱେ ଲୋକମାନେ ଧୈର୍ଯ୍ୟର ସହ ଅପେକ୍ଷା କରିଥିଲେ । ଶେଷରେ ସଭିଙ୍କୁ ସ୍ୱସାଦୁ ବ୍ୟଞ୍ଜନ ପରୋଷା ଯାଇଥିଲା । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏବିଡିଓ,ଜିପି ଡିଓ ଓ ପଞ୍ଚାୟତ ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁନ୍ଧତୀ ନାୟକ ଏବଂ ଏପିଓ ଚନ୍ଦନ କୁମାର ଭାଲ । ଭୁବନେଶ୍ୱର ବିକାଶମଂଚ ଆହ୍ୱାନ କ୍ରମେ ଆପାର୍ଟମେଣ୍ଟର ବହୁ ବାସୀନ୍ଦା ଏହି ପଞ୍ଚାୟତ କାର୍ଯ୍ୟକ୍ରମରେ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ ।








## ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

# ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନ




**ମାଲକାନଗିରି(ଏନ୍.ଏମ୍.):** ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ଏହାର ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସର୍ବଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ପାରମ୍ପରିକ ଓଡ଼ିଆ ଖାଦ୍ୟ କେବଳ ଆମର ସ୍ୱାଦ ନୁହେଁ, ବରଂ ଏହା ଆମ ସଂସ୍କୃତିର ପରିଚୟ । ଆଜିର ଆଧୁନିକ ଯୁଗରେ ଆମର ପୁରାତନ ଖାଦ୍ୟଶୈଳୀକୁ ବଞ୍ଚାଇ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏହିଭଳି ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ । ମାଆମାନଙ୍କର ଏହି କଳା ଆଗାମୀ ଦିନରେ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବହୁତ ସହାୟକ ହେବ । ବିଚାରକ ଭାବେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ଡିପିସି ହର୍ଷାନନ୍ଦ ପ୍ରଧାନ ଆୟୋଜନରେ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ସିଇଓ ସ୍ୱସ୍ତିକା ପ୍ରଧାନ ଏବଂ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ଥିଲେ । ଅତିଥି ମାନେ ମତବ୍ୟକ୍ତ କରିଥିଲେ ଯେ ଖାଦ୍ୟ ପ୍ରସ୍ତୁତିରେ ସ୍ୱାଦ ସହିତ ସ୍ୱଚ୍ଛତା ଓ ପୁଷ୍ଟିକର ଗୁଣ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଯେଉଁଭଳି ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରିଛନ୍ତି, ତାହା ପ୍ରଶଂସାଯୋଗ୍ୟ । ଡିପିସି ମିଶନ ଶକ୍ତି କହିଥିଲେ ଯେ ମିଶନ ଶକ୍ତି ମାଆମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏକ ବଡ଼ ମାଧ୍ୟମ ସାଜିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଦେବାଶିଷ ବିଶ୍ୱାଳ, ସନ୍ତୋଷ ବିଶ୍ୱାସ, ଦୂତୀକୃଷ୍ଣ ପାଢ଼ୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ ସକ୍ରିୟ ସହାୟତା କରିଥିଲେ ।

## ଆର୍‌ଏସ୍‌ଏସ୍ ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ






**ଆସିକା(ଏନ୍.ଏମ୍.):** ଆସିକା ସରସ୍ୱତୀ ଶିଶୁ ମନ୍ଦିର ସଭା ଗୃହରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଘୁମୁସର ଜିଲ୍ଲା ପକ୍ଷରୁ ପ୍ରମୁଖ ନାଗରିକ ସଂଗୋଷ୍ଠି କାର୍ଯ୍ୟକ୍ରମ ବୈଶାଖ କୃଷ୍ଣ ପକ୍ଷ ନବମୀ ଦିନ ଅନୁଷ୍ଠିତ ହୋଇ ଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହେଉଛି ୧୯୨୫ ମସିହାରେ ଡଃ କେଶବ ବଳିରାମ ହେଡଗେୱାରଙ୍କ ଦ୍ୱାରା ନାଗପୁରରେ ପ୍ରତିଷ୍ଠିତ ବିଶ୍ୱର ସର୍ବବୃହତ ସ୍ୱେଚ୍ଛାସେବୀ ସଂଗଠନ । ଏହା ହିନ୍ଦୁ ରାଷ୍ଟ୍ରୀୟବାଦ ଏବଂ ଚରିତ୍ର ନିର୍ମାଣ ଉପରେ ଆଧାରିତ ଏକ ସାମାଜିକ-ସାଂସ୍କୃତିକ ସଂଗଠନ । ଯାହା ଶାଖା ମାଧ୍ୟମରେ ଅନୁଶାସନ ଓ ଦେଶପ୍ରେମ ଶିକ୍ଷା ଦେଇଥାଏ । ହିନ୍ଦୁ ସମାଜକୁ ସଂଗଠିତ କରିବା, ଚରିତ୍ର ଗଠନ ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ ପ୍ରସାର କରେ । ସଂଗଠନ ପକ୍ଷରୁ ପ୍ରତିଦିନ ସକାଳେ ଶାଖା ମାଧ୍ୟମରେ ସ୍ୱୟଂସେବକଙ୍କୁ ଶାରୀରିକ ଓ ମାନସିକ ସୁସ୍ଥ ପାଇଁ ଆସନ, ପ୍ରାଣାୟାମ, ଯୋଗ ସହ ନୈତିକ ଶିକ୍ଷା ପ୍ରଦାନ କରାଯାଏ । ଏହି ସଙ୍ଘର ୧୦୦ ବର୍ଷର ଗାଥାକୁ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଘୁମୁସର ଜିଲ୍ଲା ସଙ୍ଘ ଚାଳକ ବନମାଳୀ ଗୌଡ଼, କେନ୍ଦ୍ରୀୟ ବୌଦ୍ଧିକ ପ୍ରମୁଖ ତନ୍ମୟ କୁମାର ମହାପାତ୍ରଙ୍କ ସମେତ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ପଣ୍ଡା, ଶରତ ଚନ୍ଦ୍ର ପାଢ଼ୀ, ରବୀନ୍ଦ୍ର ପାତ୍ର, ସାମ୍ବାଦିକ ଯୋଗେନ୍ଦ୍ର ନାଥ ପ୍ରଧାନ, ଭେଙ୍କଟ ରମଣ ପାତ୍ର, ବିଶ୍ୱନାଥ ସେଠୀ, ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଆସ୍କା, ବୁଗୁଡ଼ା, ପୋଲସରା, କବିସୂର୍ଯ୍ୟନଗର, ମୁଣ୍ଡମରାଇ, ସୋରଡ଼ା ଅଞ୍ଚଳରୁ ଆରଏସଏସ ସେବକମାନେ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମହିଳା ସଂରକ୍ଷଣ ବିଲ୍‌କୁ ...

ନିଶ୍ଚିତ ଭାବେ ଦଣ୍ଡ ମିଳିବ ଏବଂ ଏଥିପାଇଁ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୂଲ୍ୟ ଦେବାକୁ ପଡ଼ିବ । ପରିବାରବାଦୀ ଦଳଙ୍କୁ କଠୋର ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ପରି ଦଳଗୁଡ଼ିକ ମହିଳାଙ୍କ ଅଧିକାରକୁ ରୋକିବା ପାଇଁ ଏକାଠି ହୋଇଛନ୍ତି । ମହିଳାଙ୍କ ଅଧିକାର ଛଡ଼ାଇ ନେବା ପରେ ସେମାନେ ତାଳି ମାରୁଥିଲେ ଏବଂ ହସୁଥିଲେ, ଯାହା ଭାରତର ପ୍ରତ୍ୟେକ ମହିଳାଙ୍କ ପ୍ରତି ଏକ ବଡ଼ ଅପମାନ । କଂଗ୍ରେସକୁ ନିଶାଣ କରି କରି ସେ କହିଛନ୍ତି, କଂଗ୍ରେସ ହେଉଛି ଏକ ପରଜୀବୀ ସଦୃଶ, ଯିଏ ଆଞ୍ଚଳିକ ଦଳଗୁଡ଼ିକୁ ଭିତରୁ ଦୁର୍ବଳ କରିଦିଏ । ଗତ ଚାରି ଦଶନ୍ଧି ଧରି ମହିଳା ସଂରକ୍ଷଣକୁ ବିଳମ୍ବ କରିଥିବା କଂଗ୍ରେସ ପାଖରେ ନିଜର ପାପ ପ୍ରାୟଶ୍ଚିତ କରିବାର ସୁଯୋଗ ଥିଲା । କିନ୍ତୁ ସେମାନେ ପୁଣି ଥରେ ନକାରାତ୍ମକ ରାଜନୀତିକୁ ବାଛିଲେ । ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଏନ୍‌ଡିଏ ସରକାରର ସଂସଦୀୟ ପରାଜୟ ପାଇଁ ଦେଶର ମହିଳାମାନଙ୍କୁ କ୍ଷମା ମାଗିଛନ୍ତି । ସେ କହିଛନ୍ତି, ମୁଁ ଭାରତର ମହିଳାମାନଙ୍କୁ କ୍ଷମା ମାଗୁଛି । ଆମର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଆଜି ସେମାନଙ୍କ ପ୍ରଗତି ବାଧାପ୍ରାପ୍ତ ହୋଇଛି । ଏହି ବିଲ୍ ମହିଳାମାନଙ୍କୁ କିଛି ଦାନ କରିବା ପାଇଁ ନଥିଲା, ବରଂ ଦଶନ୍ଧି ଦଶନ୍ଧି ଧରି ସେମାନଙ୍କଠାରୁ ଛଡ଼ାଇ ନିଆଯାଇଥିବା ଅଧିକାରକୁ ଫେରାଇବା ପାଇଁ ଏକ ପ୍ରୟାସ ଥିଲା । ଯେଉଁମାନେ ନିଜକୁ ସମ୍ବିଧାନର ରକ୍ଷକ ବୋଲି ଦାବି କରନ୍ତି, ସେମାନେ ଆଜି ଭାରତୀୟ ସମ୍ବିଧାନ ଏବଂ ନାରୀ ଶକ୍ତିର ଅପରାଧୀ ଭାବେ କାର୍ଯ୍ୟ କରି ଆପଣମାନଙ୍କ ସ୍ୱପ୍ନକୁ ଚୂରମାର କରିଦେଇଛନ୍ତି । ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କରେ ବିରୋଧୀଙ୍କ ଆଶଙ୍କାକୁ ପ୍ରତ୍ୟାଖ୍ୟାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ସେମାନଙ୍କର ଏକ 'ବିଭାଜନ କରି ଶାସନ କରିବା ରଣନୀତି ।' ସେମାନେ ଆଞ୍ଚଳିକ ସ୍ୱାର୍ଥ ରକ୍ଷା କରିବାକୁ ଦାବି କରୁଛନ୍ତି, କିନ୍ତୁ ଏହି ବିଲ୍‌କୁ ଅଟକାଇ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକ ନିଜର ପ୍ରତିନିଧିତ୍ୱ ବୃଦ୍ଧି କରିବା ଏବଂ ମହିଳାଙ୍କୁ ସଶକ୍ତ କରିବାର ଏକ ଐତିହାସିକ ସୁଯୋଗ ହରାଇଛନ୍ତି । ତେବେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବାକୁ ଲଢ଼େଇ ଜାରି ରଖିବାକୁ ଦୃଢ଼ ସଙ୍କଳ୍ପ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ମୋର ସଙ୍କଳ୍ପ ଅଟଳ ରହିଛି । ମୁଁ ଭାରତର ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ମହିଳା ସଂରକ୍ଷଣ ପଥରେ ଆସୁଥିବା ପ୍ରତ୍ୟେକ ପ୍ରତିବନ୍ଧକକୁ ମୁଁ ଦୂର କରିବି । ଏହା ଆମ ପାଇଁ କେବଳ ଏକ ବିଲ୍ ନୁହେଁ, ନ୍ୟାୟ ପାଇଁ ଏକ ବଡ଼ ମିସନ ।

## ସାମାନ୍ୟତମ ଭୁଲ୍ କଲେ ମିଳିବ ...

ଅସମ ଯୁଦ୍ଧରେ ଆମେ ଆମର ନିଜସ୍ୱ ପରିଚାଳନା ପ୍ରସ୍ତୁତି ସହିତ ଲଢ଼ି ଶତ୍ରୁକୁ ପଛଘୁଞ୍ଚା ଦେବାକୁ ବାଧ କରି ଦେଇଥିଲୁ । ଶତ୍ରୁ ପାଖରେ ଟଙ୍କା ଏବଂ ସମ୍ବଳ ଥିଲା, କିନ୍ତୁ ପରିଚାଳନାରେ ଶତ୍ରୁ ସଠିକ୍ ଭାବରେ କାର୍ଯ୍ୟ କରିନଥିଲା । ସେମାନେ ରଣନୈତିକ ନିଷ୍ପତ୍ତିରେ ଭୁଲ୍ କରିଥିଲେ । ଆମ ଲୋକଙ୍କ ବିଷୟରେ ସେମାନଙ୍କର ଭୁଲ୍ ଚିନ୍ତାଧାରା ଥିଲା । ଫଳରେ ସେମାନେ ଆମର ଶକ୍ତିର ଭୁଲ ଆକଳନ କରିଥିଲେ । କିନ୍ତୁ ଏବେ ସାମାନ୍ୟତମ ଭୁଲ୍ ସହ୍ୟ କରାଯିବ ନାହିଁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଇରାନ ଶନିବାର ଦିନ ପୁନର୍ବାର ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଛି ଏବଂ ଆମେରିକା ଉପରେ ଜଳପଥ ଖୋଲିବା ପାଇଁ ବୁଝାମଣା ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛି ।

## ଅପହୃତ ଜମି ବ୍ୟବସାୟୀଙ୍କ ମୁକ୍ତି ପାଇଁ ୨ କୋଟି ...

ଅଭିଯୋଗ ମୁତାବକ ବୁଧବାର ସନ୍ଧ୍ୟାରୁ ସୁଧୀର ନିଖୋଜ ଅଛନ୍ତି । ସେହି ରାତିରେ ତାଙ୍କର ହ୍ୱାଟସ୍‌ଆପ୍ ନମ୍ବରକୁ ଏକ କଲ୍ କରି ଜଣେ ବ୍ୟକ୍ତି କହିଥିଲେ, ସ୍ୱାମୀଙ୍କୁ ମୁକ୍ତ କରିବାକୁ ହେଲେ ୨ କୋଟି ଟଙ୍କା ଦେବାକୁ ପଡ଼ିବ । ଟଙ୍କା ନଦେଲେ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ । ସ୍ୱାମୀଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ସେ ଅନୁରୋଧ କରିଛନ୍ତି । ପୁଲିସ ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ପରିବାର ଲୋକ ଓ ସାଙ୍ଗସାଥୀଙ୍କୁ ପଚରାଉଚରା କରିଛି । ସୁଧୀରଙ୍କ ମୋବାଇଲ୍ ସିଡିଆର୍ ବାହାର କରି ଯେଉଁମାନେ କଥା ହୋଇଥିଲେ ସମସ୍ତଙ୍କୁ ଡାକି ଜେରା କରିଛି । ଆଜି ପୁଲିସର ଏକ୍ ଟିମ୍ ସୁଧୀରଙ୍କ ଘରକୁ ଯାଇ ବ୍ୟାଙ୍କ ଖାତାରେ ଅର୍ଥ ଦେଣନେଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛି । ସୁଧୀରଙ୍କୁ ଖୋଜିବା ପାଇଁ ବ୍ରହ୍ମପୁର ଏସ୍ପି ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍ପି, ଡିଏସ୍ପି ଓ ଥାନା ଅଧିକାରୀଙ୍କ ନେତୃତ୍ୱରେ ୯ଟି ଟିମ୍ ଗଠନ କରାଯାଇଛି । ସୂଚନାଯୋଗ୍ୟ, ସୁଧୀର ଜଣେ ପ୍ଲଟ୍ ବ୍ୟବସାୟୀ ଓ ଜଣେ ଭଲ ଭଲିବଲ୍ ଖେଳାଳି । ବୁଧବାର ଭାବିନାରାୟଣପୁର (ବଣଗାଁ)ରୁ ଭଲି ଖେଳି ଘରକୁ ଫେରୁଥିବା ବେଳେ ମାଣ୍ଡିଆପଲ୍ଲୀ ରାସ୍ତାରେ ତାଙ୍କୁ କିଛି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିବା କୁହାଯାଉଛି । ସେଠାରୁ ତାଙ୍କ ବାଇକ୍ ଉଦ୍ଧାର ହୋଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁନି । ତେବେ ତାଙ୍କ ଅପହରଣ ପଛର କାରଣ କ'ଣ ହୋଇପାରେ ଓ ଅପହରଣକାରୀ କିଏ, ସେ ସମ୍ପର୍କରେ ପରିବାରବର୍ଗ କିଛି କହିପାରୁ ନାହାନ୍ତି ।

## ଅଛି ମତଭେଦ, କିନ୍ତୁ ନାହିଁ ...

ବନ୍ଧୁତ୍ୱପୂର୍ଣ୍ଣ ଭାବରେ ଭେଟନ୍ତି, ସେହି ମୁହୂର୍ତ୍ତଟି ସ୍ୱତନ୍ତ୍ର ହୋଇଯାଇଥାଏ । ଦେଶବାସୀଙ୍କ ପାଇଁ ବାର୍ତ୍ତା ହେଉଛି ଯେ ବିରୋଧୀ ନେତାମାନଙ୍କ ମଧ୍ୟରେ ମତଭେଦ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି ମନାନ୍ତର ନାହିଁ । ଏହା ହିଁ ଭାରତୀୟ ଗଣତନ୍ତ୍ରର ମହତ୍ତ୍ୱ ଏବଂ ପରିପକ୍ୱତାର ଏକ ଉଦାହରଣ । ଏହି ଘଟଣା ଏହି ବାର୍ତ୍ତା ମଧ୍ୟ ଦେଇଛି ଯେ ରାଜନୈତିକ ମତଭେଦ ନିଜ ସ୍ଥାନରେ ଅଛି, କିନ୍ତୁ ବ୍ୟକ୍ତିଗତ ସ୍ତରରେ ନେତାମାନଙ୍କ ମଧ୍ୟରେ ସମ୍ମାନ ଏବଂ ଆଲୋଚନା ବଜାୟ ରଖିବା ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ।

## ପଞ୍ଚଭୂତରେ ଲୀନ ହେଲେ କିମ୍ବଦନ୍ତୀ ...

ଏବଂ ୨୦୦୦ରେ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନୀତ ହୋଇଥିଲେ । ୨୦୨୫ ମସିହାରେ ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଭଲ ନଥିଲା । ସେହି ବର୍ଷ ଅନେକ କଳାକାରଙ୍କ ଦେହାନ୍ତ ହୋଇଥିଲା । ଏବେ, ୨୦୨୬ ମସିହାରେ, ଭାରତୀୟ କଳା ଜଗତ ଏକ ବଡ଼ କ୍ଷତି ସହିଛି । ଆଶା ଭୋଁସଲେ ପ୍ରାୟ ଆଠ ଦଶନ୍ଧି ଚଳଚ୍ଚିତ୍ର ଶିଳ୍ପ ପାଇଁ ଉତ୍ସର୍ଗ କରିଥିଲେ ଏବଂ ସାରା ବିଶ୍ୱରେ ଦେଶ ପାଇଁ ଗୌରବ ଆଣିଥିଲେ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଚିନ୍ତା ପ୍ରକାଶ କରିଥିଲେ ।

## ଉଗ୍ରବାଦୀ ସଂଗଠନକୁ ଶକ୍ତ ...

ବାଟାଲିଅନ ଏବଂ ଚତରା ଜିଲ୍ଲା ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ କରିଥିଲେ । ଘଟଣାସ୍ଥଳରେ ଯେତେବେଳେ ସୁରକ୍ଷା ବାହିନୀ ପହଞ୍ଚି ଥିଲେ, ଉଗ୍ରବାଦୀମାନେ ହିଂସ୍ର ହୋଇଥିଲେ ଏବଂ ଅତର୍କିତ ଭାବେ ଗୁଳି ଛୁଟାଇଥିଲେ । ଜବାବୀ କାର୍ଯ୍ୟାନୁଷ୍ଠାନ ବଳରେ ସୁରକ୍ଷା ବାହିନୀର ଗୁଳିମାଡ଼ରେ ୪ଜଣ ଉଗ୍ରବାଦୀ ନିପାତ ହୋଇଛନ୍ତି । ନିପାତ ଉଗ୍ରବାଦୀଙ୍କ ମଧ୍ୟରେ ଶାହଦେବର ପତ୍ନୀ ମଧ୍ୟ ସାମିଲ ଅଛି ।

## ଚୌଦ୍ୱାର କାରାଗାରରେ କଏଦୀଙ୍କ ଗହଣା ...

ତଦନ୍ତ କରୁଥିଲେ । ତେବେ ସିସିଟିଭି ଫୁଟେଜକୁ ଯାଞ୍ଚ କରି କାରାଗାର ୱାଡ଼ର ମନୋଜ କୁମାର ମଣ୍ଡଳ ଏହି ସୁନାଗହଣା ଗାଏବ କରିଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସିଦ୍ଧାର୍ଥ ରଞ୍ଜନ ଜାଲି ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, କଟକ ଜିଲ୍ଲା ମାହାଙ୍ଗା ଥାନା ଶୁକ୍ଳେଶ୍ୱର ଗ୍ରାମର ଇତିଶ୍ରୀ ମହାନ୍ତି ଏକ ମାମଲାରେ ୨୦୨୫ ମସିହା ସେପ୍ଟେମ୍ବର ୨୨ତାରିଖ ଦିନ ଗିରଫ ହୋଇ ୨୩ ତାରିଖ ଦିନ ଚୌଦ୍ୱାର ଜେଲକୁ ଆସିଥିଲେ । ସେଠାରେ ସିସିଟିଭି କ୍ୟାମେରା ସମ୍ମୁଖରେ ଜେଲ କର୍ମଚାରୀମାନେ ତାଙ୍କ ଠାରୁ ପିନ୍ଧିଥିବା ୬ଗ୍ରାମ ଓଜନର ସୁନା କାନର ହଳେ, ୫ଗ୍ରାମ ଓଜର ଏକ ସୁନା ମୁଦି ଏବଂ ଏକ ନାକ ଗୁଣା କାଢ଼ି ନେଇଥିଲେ । ତାହାକୁ ଏକ ମାଟିଆ ରଙ୍ଗର ଖାମ ଭିତରେ ରହି ତା' ଉପରେ ଇତିଶ୍ରୀଙ୍କ ଦସ୍ତଖତ କରାଇଥିଲେ । ଏହାପରେ ଇତିଶ୍ରୀ ୩ମାସ ବିଚାର ବିଭାଗୀୟ ହାଜତରେ ରହିବା ପରେ ୨୦୨୫ ମସିହା ଡିସେମ୍ବର ୨୩ ତାରିଖରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ । ତେବେ ମୁକୁଳିବା ସମୟରେ ଇତିଶ୍ରୀ ଜେଲରଙ୍କୁ ତାହା ଜମା ଥିବା ଗହଣା ମାଗିଥିଲେ । ମାତ୍ର ସେ ଦୀର୍ଘ ୨ଘଣ୍ଟା ୪୫ ମିନିଟ ଇତିଶ୍ରୀଙ୍କୁ ଅପେକ୍ଷା କରାଇ ଗହଣା ଖୋଜା ଖୋଜି କରି ଶେଷରେ ଗହଣା ମିଳୁନି ବୋଲି କହିଥିଲେ । ଏଥି ସହିତ ୨ରୁ ୩ଦିନ ପରେ ଆସିବା ପାଇଁ କହିଥିଲେ । ଏହାପରେ ଇତିଶ୍ରୀ ଏକାଧିକ ବାର ଜେଲକୁ ଆସି ତାଙ୍କ ଗହଣା ମାଗିଥିଲେ ମଧ୍ୟ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗହଣା ଦେଇନଥିଲେ । ଏହାପରେ ଗତ ଜାନୁଆରୀ ୭ତାରିଖ ଦିନ ଇତିଶ୍ରୀ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳଙ୍କୁ ଭେଟି ଏ ବିଷୟରେ କହିଥିଲେ । ମାତ୍ର ଶ୍ରୀ ରାଉଳ ତାଙ୍କୁ ୧୦ଦିନ ସମୟ ମାଗିଥିଲେ । ଇତିଶ୍ରୀ ଜେଲରେ ସିସିଟିଭି ସମ୍ମୁଖରେ ତାଙ୍କ ଠାରୁ ନେଇଥିବା ସମସ୍ତ ଗହଣା ଫେରାଇବାକୁ ସେ ଦାବି କରିବା ସହ ଶ୍ରୀ ରାଉଳଙ୍କ ନାମରେ ଏତଲା କରିଥିଲେ । ଏହା ପରେ ଫେବ୍ରୁଆରୀ ୧୮ ତାରିଖରେ ସୁପରିଣ୍ଟେଣ୍ଡେଣ୍ଟ ମହିଳା କଏଦୀ ଇତିଶ୍ରୀ ମହାନ୍ତିଙ୍କୁ ସୁନା ଗହଣା ବଦଳରେ ସେହି ଗହଣାର ବର୍ତ୍ତମାନର ମୂଲ୍ୟ ଅନୁଯାୟୀ ୧ଲକ୍ଷ ୯୦ହଜାର ଟଙ୍କା ପ୍ରଦାନ କରିଥିଲେ ।

## ବ୍ରିଟିସ୍ ଶୈଳୀର ମିନାର ...

ପର୍ଯ୍ୟନ୍ତ ଯାଇ ସ୍ଥାନ ନିରୂପଣ କରିଥିଲେ । ବହୁ ବିଚାରବିମର୍ଶ ପରେ ମାକଫର୍ସନ୍‌ଙ୍କ ପ୍ରସ୍ତାବ ଅନୁଯାୟୀ 'ହୁକି ୱାକର' ଶବ୍ଦ ଅନୁସାରେ ସ୍ଥାନୀୟ ଜମ୍ବୁଦ୍ୱୀପରେ ଏହି ସ୍ଥାନର ନାମ ରଖାଗଲା ହୁକିଟୋଲା । ଓଡ଼ିଆରେ ଏହାକୁ 'ହୁଙ୍କାତୋଳା' କୁହାଗଲା । କାରଣ ସ୍ଥାନଟିରେ ହୁଙ୍କା ବା ହୁକା ଭର୍ତ୍ତି ହୋଇଥିବା ବେଳେ ତୋଳା ଗାଁର ସମଷ୍ଟି ହୋଇଥିବା ବିମ୍ବ ଉଲ୍ଲେଖ କରିଛନ୍ତି । ବନ୍ଦର ନିର୍ମାଣ ପରେ ହୁକିଟୋଲା ବତିଘର ଫଲ୍ସ ପଏଣ୍ଟ୍ ବନ୍ଦରର ଗୋଦାମ ଘର ଭାବେ ବ୍ୟବହୃତ ହେଉଥିଲା । ଏହା ଥିଲା ବାତ୍ୟା ପ୍ରତିରୋଧୀ ଗୋଦାମ, ଯାହାର ଦୈର୍ଘ୍ୟ ୧୫୦ଫୁଟ୍, ପ୍ରସ୍ଥ ୭୫ ଫୁଟ୍ ଓ ଛାତର କ୍ଷେତ୍ରଫଳ ୧୧,୨୫୦ ବର୍ଗଫୁଟ୍ । ସେହିପରି ଏଠାରେ ୧୧ଟି ବଡ଼ ଓ ୯ଟି ଛୋଟ କୋଠରି ଥିବାବେଳେ ମାଟିରୁ ଛାତର ଉଚ୍ଚତା ଥିଲା ୩୦ ଫୁଟ୍ । ସବୁଠାରୁ ବଡ଼କଥା ହେଉଛି, ଏଠାରେ ବର୍ଷାଜଳ ସଞ୍ଚୟ କରି ରଖିବା ବ୍ୟବସ୍ଥା ରହିଥିଲା, ଯାହାକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଥିଲା । ଛାତରୁ ବର୍ଷାପାଣି ଗଡ଼ିଯାଇ କୋଠାର ଦୁଇପଟେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ସଞ୍ଚିତ ହେଉଥିଲା । କଟକର ଭଗ୍ନ ବାରବାଟୀ ଦୁର୍ଗରୁ ଜଳପଥରେ ପଥର ସବୁ ଅଣାଯାଇ ଏଥିରେ ବ୍ୟବହୃତ ହୋଇଥିଲା ବୋଲି କୁହାଯାଏ । ତେବେ ୧୮୮୫ର ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ହୁକିଟୋଲା । ତା' ପରେ ଯେମିତି ଏହି ସ୍ଥାନକୁ ସମସ୍ତେ ଭୁଲିବା ଆରମ୍ଭ କରିଥିଲେ । ସମୁଦ୍ରର ସ୍ଥିତି ପରିବର୍ତ୍ତନ, ନଦୀବାଲି ଓ ପଟୁମାଟି ଯୋଗୁଁ ଫଲ୍ସ ପଏଣ୍ଟ୍ ବନ୍ଦରଟି ପୋତିହେବା ପରେ ୧୯୨୪ ମସିହା ଅକ୍ଟୋବର ୨୨ ତାରିଖରେ ଇଂରେଜ ସରକାର ଏହାକୁ ବନ୍ଦ ଘୋଷଣା କରିଥିଲେ । କେବଳ କୋଠବାଡ଼ିର ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ହୋଇଥିଲା । ପରବର୍ତ୍ତୀ କାଳରେ ଭୂତକୋଠି ଭଳି ପଡ଼ି ରହିଲା ହୁକିଟୋଲା । ତେବେ ଏହି ଐତିହ୍ୟ ସ୍ଥଳର ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

### ପାଦଚଲା ଯାତ୍ରାରେ ବାର୍ତ୍ତା

# ପାଠଶାଳାରେ ପରିବେଶ ସଚେତନତା

**କଟକ(ଏନ୍.ଏମ୍.):** ବଡ଼ ବଡ଼ ଭାଷଣ ନୁହେଁ, ବରଂ ନିରବ ଆଲୋଚନାରେ ହିଁ ପ୍ରକୃତ ପରିବର୍ତ୍ତନ ଆସେ । ଏହାର ସ୍ପଷ୍ଟ ପ୍ରମାଣ ମିଳିଛି କଟକର ଅମୃତପ୍ରଭା ସ୍ମାର୍ଟ ସ୍କୁଲରେ । ଭାରତବର୍ଷରେ ପଦଯାତ୍ରା କରୁଥିବା ଯୁବ ପରିବେଶବିତ୍ ଆୟନ ବାନାର୍ଜୀ ଆଜି ଏହି ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି ।




ଏବେ ସୁଦ୍ଧା ୭,୦୦୦ କିଲୋମିଟରରୁ ଅଧିକ ପଦଯାତ୍ରା କରିଥିବା ଆୟନ, ଛାତ୍ରମାନଙ୍କ ସହ ମାତ୍ର ପରିବେଶ ନୁହେଁ, ବରଂ ଦୟା, ଦାୟିତ୍ୱ ଏବଂ ଦୈନନ୍ଦିନ ଜୀବନର ଛୋଟ ଛୋଟ ନିଷ୍ପତ୍ତିର ପ୍ରଭାବ ଉପରେ ବିଶଦ୍ ଭାବେ ଆଲୋଚନା କରିଛନ୍ତି । ଏହି ଆଲୋଚନା କୌଣସି ବକ୍ତୃତା ପରି ନଥିଲା, ଏହା ଥିଲା ଏକ ଅନ୍ତରଙ୍ଗ ବାର୍ତ୍ତାଳାପ, ଯାହା ଛାତ୍ରମାନଙ୍କୁ ଏକ ଉନ୍ନତ ବିଶ୍ୱ ଗଠନରେ ନିଜ ନିଜ ଭୂମିକା ବିଷୟରେ ଗଭୀର ଭାବେ ଚିନ୍ତା କରିବାକୁ ପ୍ରେରିତ କରିଛି । ଆୟନଙ୍କ ଯାତ୍ରାର ମୂଳ ଉଦ୍ଦେଶ୍ୟ ଥିଲା ସ୍ୱାର୍ଥପରତାରୁ ବାହାରି, ସଚେତନତାକୁ କାର୍ଯ୍ୟରେ ପରିଣତ କରିବା । ମାତ୍ର ୧୮ ବର୍ଷ ବୟସରେ ଚରଞ୍ଜଇ ଇଣ୍ଡିଆର ୨୦୨୦ ବର୍ଷର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ ହୋଇଥିବା ଆୟନ, ପୂର୍ବରୁ ସହରାଞ୍ଚଳରେ ଛୋଟ ଜଙ୍ଗଲ ସୃଷ୍ଟି ଏବଂ ବିଦ୍ୟାଳୟ ଭିତ୍ତିକ ସଂରକ୍ଷଣ ପ୍ରକଳ୍ପ ସମେତ ଅନେକ ପରିବେଶ ଅଭିଯାନରେ ସକ୍ରିୟ ଭାବେ ଜଡ଼ିତ ରହିଛନ୍ତି । ତାଙ୍କର ଏହି ଗସ୍ତ ଏକ ଅନନ୍ୟ ସ୍ମାରକୀ ଭାବେ କାର୍ଯ୍ୟ କରିଛି, ଯାହା ଶିକ୍ଷା କେବଳ ପାଠ୍ୟପୁସ୍ତକରେ ସୀମିତ ନୁହେଁ, ବରଂ ଆମର ମୂଲ୍ୟବୋଧ, ସହାନୁଭୂତି ଏବଂ ଆମ ଚାରିପାଖର ପରିବେଶ ସହିତ ଆମର ସମ୍ପର୍କକୁ ବୁଝିବା ମଧ୍ୟ ଏହାର ଅଙ୍ଗ ବୋଲି ଦର୍ଶାଇଛି । କଟକରେ ତାଙ୍କର ବାର୍ତ୍ତା ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଭୀର ଭାବେ ପ୍ରତିଫଳିତ ହୋଇଛି । ଏହା ପୁଣି ଥରେ ପ୍ରମାଣିତ କରିଛି ଯେ, ସଚେତନତା ସହିତ କାର୍ଯ୍ୟ ମିଶିଲେ ହିଁ ସାମାଜିକ ପରିବର୍ତ୍ତନ ସମ୍ଭବ । ଅମୃତପ୍ରଭା ସ୍ମାର୍ଟ ସ୍କୁଲରେ ହୋଇଥିବା ଆଲୋଚନା ଦର୍ଶାଇଛି ଯେ, କିଭଳି ଭାବେ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ପରିବେଶ ସଂରକ୍ଷଣ ଏବଂ ସାମାଜିକ ଦାୟିତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୃହତ୍ତର ଆଲୋଚନାରେ ସକ୍ରିୟ ଭାବେ ଯୋଗଦାନ କରିପାରିବେ ।

# ଚାଉଳିଆଗଞ୍ଜରେ ମହାବୀରଙ୍କ ଜୟନ୍ତୀ

କଟକ(ଏନ୍.ଏମ୍.): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ସମଗ୍ର ସହର ଉତ୍ସବମୁଖର ହୋଇପଡିଥିଲା । ଏହିଅବସରରେ ହନୁମାନ ମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ଛକମାନଙ୍କରେ ଜଳଛତ୍ର ଖୋଲା ଯାଇଥିବା ବେଳେ କିଛି ଜାଗାରେ ଝାମୁ ଯାତ୍ରା ଆୟୋଜିତ ହୋଇଥିଲା । ଏହି ଯାତ୍ରାରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ନିଆଁରେ ଚାଲୁଥିବାର ଦେଖିବାକୁ ମିଳିଥିଲା । ଏଥିସହିତ ବହୁ ସାମାଜିକ ସଂଗଠନ, କ୍ଲବ୍‌ମାନଙ୍କ ପକ୍ଷରୁ ପଥଚାରୀମାନଙ୍କ ପାଇଁ ବେଲପଣା, ଦହି ଓ ଲେମ୍ବୁ ପାଣି ଆଦି ବଂଟନ କରାଯାଇଥିଲା । ଏହି ଅବସରରେ ଚାଉଳିଆଗଞ୍ଜ ସ୍ଥିତ ଜୟ ବୁଢ଼ା ମହାବୀର ମନ୍ଦିରରେ ପ୍ରାଙ୍ଗଣରେ ସଭାପତି ସୁକାନ୍ତ ସାହାଣୀଙ୍କ ନେତୃତ୍ୱରେ ମହାବୀରଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କର ସମାଗମ ହୋଇଥିବାବେଳେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ମହାବୀରଙ୍କ ପାଖରେ ଭୋଗ କରିଥିଲେ । ସନ୍ଧ୍ୟାରେ ୩ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା, ଲକ୍ଷ୍ମୀଧର ସାହୁ, ଚତୁର୍ଭୁଜ ସାହାଣୀ, ଜଗନ୍ନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



# ବଡପଲଙ୍କ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଉଦ୍‌ଘାଟନ କଲେ ଅଧକ୍ଷ




ଚିକିଟୀ(ଏନ୍.ଏମ୍.): ରାଜ୍ୟରେ ଜନସାଧାରଣଙ୍କୁ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ସେ ନେଇ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଅପହଞ୍ଚ ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ନିମନ୍ତେ ଭିତ୍ତିଭୂମିର ବିକାଶ କାର୍ଯ୍ୟ ଆଗେଇ ଚାଲିଛି ।ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବଡପଲଙ୍କ ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶୁଭ ଉଦଘାଟନ କରିଛନ୍ତି ଚିକିଟୀ ବ୍ଲକ ଅଧକ୍ଷ ଆପନା ସେଠୀ । ସୂଚନା ଅନୁସାରେ ୨୦୨୩ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ବଡ଼ପଲଙ୍କ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନାମ ରେ ଭିତି ପ୍ରସ୍ତର ସ୍ଥାପନ ହୋଇଥିବା ନେଇ ଫଳକ ଲାଗିଥୁବା ଦେଖୁବାକୁ ମିଳିଛି । ବର୍ତ୍ତମାନ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନାମ ପରି ବର୍ତ୍ତନ ହୋଇ ହୋଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମରେ ବୁଧବାର ଦିନ ଏହାକୁ ଚିକିଟୀ ବ୍ଲକ ବ୍ଲକ ଅଧ୍ୟକ୍ଷ ଆପନା ସେଠୀ ଉଦଘାଟନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ବି ରେଣୁକାମ୍ମା , ସ୍ଥାନୀୟ ସରପଞ୍ଚ ବରିଷ୍ଠ ବିଜେଡି ଜ୍ୟୋତି ରେଡ୍ଡୀ, ସଂଗଠନ ସୁରେନ୍ଦ୍ର ମଣ୍ଡଳ, ପିତା ତଳି ସରପଞ୍ଚ ରାଙ୍ଗା ରେଡ୍ଡୀ, ଜିହ୍ୱା ରେଡ୍ଡୀ, ମହେନ୍ଦ୍ର ପ୍ରଧାନ,ଉମା ରେହ୍ମୀ, ଅମୂଲ୍ୟ ବେହେରାଙ୍କ ସହିତ ବହୁ ସରପଞ୍ଚ, ସମି ସମିତି ସଭ୍ୟ ଓ ଓ ସଭ୍ୟା ସ ଉପସ୍ଥିତ ଥିଲେ ଓ କାର୍ଯକ୍ରମରେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ହାଡୁଆ ସେଚ ପ୍ରକଳ୍ପରୁ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଚାଷୀଙ୍କୁ ପାଣି ଦିଅ : ଦେବୀ ମିଶ୍ର

# ଭୂତଳ ଜଳବାହୀ କେନାଲ ପ୍ରକଳ୍ପ ଟେଣ୍ଡରର ବାତିଲରୁ ଅହେତୁକ ବିଳମ୍ବ

**ବଡମ୍ବା (ଏନ୍.ଏମ୍.) :** ନବୀନ ସରକାର ସମୟରେ ହାଡୁଆ ସେଚ ପ୍ରକଳ୍ପର ଡ୍ୟାମ ଓ ସ୍ପିଲୱେ ଲୋକାର୍ପଣ ଓ ଭୂତଳ ଜଳବାହୀ କେନାଲ ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା । ଗତ ୨୦ ମାସରେ ବାରମ୍ବାର ଭୂତଳ ଜଳବାହୀ କେନାଲ ପ୍ରକଳ୍ପ ଟେଣ୍ଡର ବାତିଲରୁ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାର ଉପରେ ବର୍ଷି ଛନ୍ତି ଦେବୀ ମିଶ୍ର । ଗତ କାଲି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ବଡ଼ମ୍ବା ନରସିଂହପୁର ଚାଷୀଙ୍କର ଆକାଂକ୍ଷିତ ହାଡୁଆ ମଧ୍ୟମ ସେଚ ପ୍ରକଳ୍ପର ମୁଖ୍ୟକାର୍ଯ୍ୟ ୨୦୨୪ରେ ନବୀନ ବାବୁଙ୍କ ଦ୍ୱାରା ଡ୍ୟାମ ଓ ଆନୁଷଙ୍ଗିକ ମୁଖ୍ୟ କାର୍ଯ୍ୟ ଲୋକାର୍ପିତ ହୋଇଥିଲା । ଏହାର ଭୂତଳ ଜଳବାହୀ କେନାଲ ସିଷ୍ଟମ୍ ଶୁଭାରମ୍ଭ କରିବା ସହିତ ୨୦୨୫ ମାର୍ଚ୍ଚ ସୁଦ୍ଧା ଚାଷୀଙ୍କୁ ଜଳ ପହଞ୍ଚିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗଲା ୨୦ ମାସରେ ଏଥିପାଇଁ ତ୍ୱରାନ୍ୱିତ ନିଷ୍ପତି ନନେବା ଯୋଗୁ ଅହେତୁକ ବିଳମ୍ବ ହୋଇଛି । ଚଳିତ ଆର୍ଥିକ ବର୍ଷ ସୁଦ୍ଧା କେନାଲ ବ୍ୟବସ୍ଥା ଓ ସଂଲଗ୍ନ ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ କରିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଏହି ପ୍ରକଳ୍ପ ପାଇଁ ୨୦୦୦ ମସିହାରେ ନବୀନ ସରକାର ନିଷ୍ପତି ନେବା ଓ ସୁପାରିସ କରିବା ପରେ ୨୦୦୧ ମାର୍ଚ୍ଚ ମାସରେ କେନ୍ଦ୍ରୀୟ ଜଳ ଆୟୋଗ, ଜଙ୍ଗଲ ପରିବେଶ ୧ମ ପର୍ଯ୍ୟାୟ ମଞ୍ଜୁରୀ, ପୁନର୍ବାସ ପାଇଁ ଜନଜାତି ବିଭାଗର ୨୦୦୪ରେ ମଞ୍ଜୁରୀ, ୨୦୦୭ରେ ଜଙ୍ଗଲ ଓ ପରିବେଶର ୨ୟ ପର୍ଯ୍ୟାୟ ଅନୁମୋଦନ ହାସଲ କରାଯାଇଥିଲା । ଏହି ପ୍ରକଳ୍ପର ଉଦଘୋଷଣ ସେତେବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନରସିଂହପୁର ଠାରେ କରାଯାଇ ତା'ର କାର୍ଯ୍ୟାଳୟ ଓ ଆନୁଷଙ୍ଗିକ ଭିତ୍ତିଭୂମିର ଶୁଭାରମ୍ଭ କରାଯାଇଥିଲା । ଏହାର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଶ୍ରୀ ମିଶ୍ରଙ୍କ ଉଦ୍ୟମରେ ଯୋଜନା କମିଶନ, ଯୋଜନା କମିଶନର ସୁପାରିଶ ଭିତ୍ତିରେ ଭାରତରେ ପ୍ରଥମ ଥର ପାଇଁ ମଧ୍ୟମ ସେଚ ପ୍ରକଳ୍ପକୁ ଗ୍ରାମୀଣ ଭିତ୍ତିଭୂମି ପାଣ୍ଠି ନାବାର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା । କିନ୍ତୁ ମୂଳତଃ କରାଯାଇଥିବା ପ୍ରୋଜେକ୍ଟ ଡିଜାଇନ, ମୂଳ ବନ୍ଧର ସ୍ଥିତିକୁ ନେଇ ପରିବର୍ତ୍ତିତ ହେବା ଫଳରେ କଂକ୍ରିଟ ଡ୍ୟାମ ପାଇଁ ବୈଷୟିକ ନିଷ୍ପତ୍ତି କରାଯାଇଥିଲା । ଆବଶ୍ୟକତା କାରଣରୁ ୨୦୧୫ରେ ନୂତନ ଡିଜାଇନ୍ର ୮୭ତମ ବୈଷୟିକ କମିଟି ବୈଠକରେ ଅନୁମୋଦିତ ହୋଇଥିଲା । କିନ୍ତୁ ଇତି ମଧ୍ୟରେ ୪୦୦ କୋଟି ଟଙ୍କା ବ୍ୟୟରେ ନରସିଂହପୁର ପାଇଁ ମେଗା ଲିଫ୍ଟ ସେଚ ବ୍ୟବସ୍ଥା ଯୋଗୁ ପ୍ରସ୍ତାବିତ ଆୟକଟ ସମ୍ପୂର୍ଣ୍ଣ ଉପଲବ୍ଧ ନହେବାରୁ ପ୍ରକଳ୍ପଟି ବନ୍ଦ ଅବସ୍ଥାରେ ପହଞ୍ଚିଥିଲା । ମୁଖ୍ୟ ଡ୍ୟାମ ସ୍ପିଲୱେ କାମ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇ ୨୦୨୪ରେ ପ୍ରାୟ ଶେଷ ପର୍ଯ୍ୟାୟକୁ ଆସିଥିଲା । ଭୂତଳ ଜଳବାହୀ କେନାଲ ସିଷ୍ଟମ୍ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୨୪ କୋଟି ଟଙ୍କା ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ଡ୍ୟାମ ଓ ମହାକାଳୀ ପୀଠକୁ ଯୋଡ଼ିବା ପାଇଁ ପ୍ରକଳ୍ପରୁ ପୂର୍ବରୁ ଦୁଇଟି ପୋଲ ଦିଆଯାଇଥିବାବେଳେ ୨୦୨୪ ରେ ନବୀନ ବାବୁ ବଡ଼ମ୍ବା ଜନ ସଭାରେ ଏହାକୁ ଆଭାସୀ ମାଧ୍ୟମରେ ଆଉ ୩୦ କୋଟି ଟଙ୍କାର ସିଧାସଳଖ ରାସ୍ତା ଘୋଷଣା କରିଥିଲେ, ଯାହା ସଂପୂର୍ଣ୍ଣ ହୋଇଛି ।



### କୃଷି ଅଫିସର ପ୍ରଥମ ମହଲା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

# ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି କୋଠା ନିର୍ମାଣ

**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ କାର୍ଯ୍ୟାଳୟର ପ୍ରଥମ ମହଲା କାର୍ଯ୍ୟ ହେଉଛି ନିମ୍ନମାନର ।ଏହାର ଅଟକଳ ୨୮ ଲକ୍ଷ ୨୨ ହଜାର ୮୧୪ ଟଙ୍କା ଥିବା ବେଳେ ଠିକାଦାର ଚିନ୍ମୟ କୁମାର ଦଳେଇ ନାଁ ରେ ରହିଛି ଏହି କାର୍ଯ୍ୟ । ଏହି କାର୍ଯ୍ୟ ରେ ଠିକାଦାର ମୁର୍ଶିଦାବାଦ ମିସ୍ତ୍ରୀ ଓ ଶ୍ରମିକଙ୍କୁ ନିୟୋଜିତ କରିଥିବା ବେଳେ ଅଞ୍ଚଳର ଶ୍ରମିକ ମାନେ କାମ ନପାଇ ବାହାର ରାଜ୍ୟକୁ ଯାଉଛନ୍ତି କାର୍ଯ୍ୟ କରିବା । ଏ ବାବଦରେ ଶ୍ରମ ବିଭାଗ ମଧ୍ୟ ନିରବ ରହିଛି କେଉଁ ଅଞ୍ଚଳର ଶ୍ରମିକ କେଉଁଠି କାର୍ଯ୍ୟ କରୁଛନ୍ତି ତାହା ବିଭାଗ ପାଖରେ ଖବର ନାହିଁ ।ଏପଟେ ବାହାର ରାଜ୍ୟରୁ କାର୍ଯ୍ୟ କରୁଛନ୍ତି ଶ୍ରମିକମାନେ ।ଏହି କାର୍ଯ୍ୟରେ କମ୍ ଦାମର ଲୁହାରଡ ଲାଗୁଥିଲା ବେଳେ ନିମ୍ନ ମାନର ବାଲି ସହିତ କଳାଚିପ୍ସ ବଦଳରେ ଧଳା ଚିପ୍ସକୁ ଲଗାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।ଏହା ୧୩ .୨.୨୬ରେ ଆରମ୍ଭ ହୋଇଥିବା ବେଳେ ଶେଷ ତାରିଖ ୧୫.୫.୨୬ ରହିଛି । କିନ୍ତୁ କାର୍ଯ୍ୟ ଅଗ୍ରଗତି ମଧ୍ୟ ହେବା ଦେଖାଯାଏ ନାହିଁ । ଏପରିକି କାର୍ଯ୍ୟରେ ଲାଗିଥିବା ମୁର୍ଶିଦାବାଦ ମିସ୍ତ୍ରୀ ଶୋଉଛନ୍ତି ଅଫିସ କାର୍ଯ୍ୟାଳୟରେ ଥିବା ଟେବୁଲରେ । ଏହାର ଉଚ୍ଚ ସ୍ତରୀୟ ଅଧିକାରୀ ମଧ୍ୟ ଚିର ନିଦ୍ରାରେ ରହିଛନ୍ତି ।ଏ ବାବଦରେ ଗୋଷ୍ଠୀ କୃଷି ଅଧିକାରୀ ଚାରୁଲତା ସିଂ କୁହନ୍ତି କାର୍ଯ୍ୟ ଭଲ କରିବା ପାଇଁ ବାରମ୍ବାର ମୁଁ ଠିକାଦାର ଙ୍କୁ ତାଗିଦ କରିଛି । ହେଲେ ମଧ୍ୟ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଛି ବୋଲି ଜନ ସାଧାରଣ ଅଭିଯୋଗ କରିଛନ୍ତି ।ଏହି କାର୍ଯ୍ୟ ପ୍ରତି ଜିଲ୍ଲା ପ୍ରଶାସନ ତଦନ୍ତ କରିବା ସହିତ ଠିକାଦାର ପ୍ରତି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଏ ଅଞ୍ଚଳର ସାଧାରଣ ଜନତା ଦାବି କରିଛନ୍ତି । ପୁରୁଣା ଘରର କାନ୍ଥରେ ଫାଟ ଥିବା ବେଳେ କଲମ ର ରଡ ଜଏଣ୍ଟ ମଧ୍ୟ ଫାଟି ଯାଇଥିବା ଦେଖା ଯାଇଛି । ଏହି କାର୍ଯ୍ୟରେ ବେନିୟମ ଭାବେ ଠିକାଦାର ଜଣଙ୍କ ବିଦ୍ୟୁତ ଓ ପାଣି ବ୍ୟବହାର କରି ସରକାରଙ୍କ ଉପରେ ବୋଝ ପାଲଟିଛି ହେଲେ ମଧ୍ୟ କୃଷି ଅଧିକାରୀ ବାରଣ କରୁ ନାହାଁନ୍ତି ବୋଲି ଜନ ସାଧାରଣ କୁହନ୍ତି । କଣ ପାଇଁ ଏହି ଠିକାଦାରକୁ ପ୍ରଶୟ ଦିଆଯାଇଛି ତାହା ବିଭାଗକୁ ଭଲଭାବରେ ଜଣା ଅଛି ବୋଲି ସମାଜସେବୀ ମାନେ କହିଛନ୍ତି । ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।









# ଲକ୍ଷ୍ନୌ ବିପକ୍ଷରେ ଗୁଜରାଟର ସହଜ ବିଜୟ

## ଗିଲ୍-ବଟ୍ଲରଙ୍କ ଅର୍ଦ୍ଧଶତକ



ଲକ୍ଷ୍ନୌ, (ଏଜେନ୍ସି) : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଊନବିଂଶ ମୁକାବିଲାରେ ଗୁଜରାଟ ଟାଇଟନ୍ସ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଦମ୍ଦାର ପ୍ରଦର୍ଶନ କରିଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ଗୁଜରାଟ ଟାଇଟନ୍ସ ୭ ୱିକେଟ୍‌ରେ ପରାସ୍ତ କରିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟିମ୍ ୧୮.୪ ଓଭରରେ ୩ ୱିକେଟ୍ ହରାଇ ୧୬୫ ରନ୍ କରିଛି। ଗୁଜରାଟର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ସାଈ ସୁଦର୍ଶନ ଏବଂ ଶୁବମନ ଗିଲ୍ ପ୍ରଥମ ୱିକଟେ ପାଇଁ ୪୫ ରନ୍‌ର ଭାଗିଦାରୀ ହୋଇପାରିଥିଲେ। ତେବେ ଲକ୍ଷ୍ନୌର ପ୍ରଥମ ଶିକାର ହୋଇଥିଲେ ସାଈ ସୁଦର୍ଶନ। ଆଉଟ୍ ହେବା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ୧୪ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୩ଟି ଚୌକା ସହାୟତାରେ ୧୫ ରନ୍ ସଂଗ୍ରହ କରିଥିଲେ। ଗିଲ୍ ଏବଂ ଜୋସ୍ ବଟଲର ଦ୍ୱିତୀୟ ୱିକେଟ୍ ପାଇଁ ୮୪ ରନ୍‌ର ଭାଗିଦାରୀ କରିଥିଲେ। ଗିଲ୍ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୫୬ ରନ୍ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ଗୋଟିଏ ଚୌକା ସାମିଲ କରିଥିଲେ। ବଟଲର ୩୭ଟି ବଲ ଖେଳି ୧୧ଟି ଚୌକା ସହାୟତାରେ ୬୦ ରନ୍ କରିଥିଲେ। ୱାସିଂଟନ ସୁନ୍ଦର ଅପରାଜିତ ୨୧ ରନ୍ ଏବଂ ରାହୁଲ ତେୱାଟିଆ ଅପରାଜିତ ୧୦ ରନ୍ କରିଥିଲେ। ଲକ୍ଷ୍ନୌସ୍ଥିତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମରେ ରବିବାର ଟସ୍ ଜିଣି ଗୁଜରାଟ ଟାଇଟନ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଗୁଜରାଟ ବୋଲିଂର ସଫଳ ରଣନୀତି ପ୍ରସ୍ତୁତ କରି ଘରୋଇ ଦଳକୁ ୧୬୪ ରନ୍‌ରେ ଅଟକାଇଥଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇଥିଲା। ଗୁଜରାଟ ପାଇଁ ବୋଲିଂର ନାୟକ ଭାବେ ପ୍ରସିଦ୍ଧ କ୍ରିଷ୍ଣା ଉଭା ହୋଇଥିଲେ। ସେ ୪ ଓଭର ବୋଲିଂ କରି ୪ଟି ମୂଲ୍ୟବାନ ୱିକେଟ ନେଇଥିଲେ। ଗୁଜରାଟର ବ୍ୟାଟର ଆଇଦେନ ମାର୍କରାମ, ଆୟୁଷ ବଦୋନି, ନିକୋଲାସ ପୁରନ ଏବଂ ମୁକୁଲ ଚୌଧୁରୀଙ୍କୁ ସେ ପାର୍ଭିଲିଅନ ପଠାଇଥିଲେ।

ଇନିଂସ ଆରମ୍ଭରୁ ଗୁଜରାଟ ବିପର୍ଯ୍ୟୟର ସାମ୍ନା କରିଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୪ଟି ବଲ୍ ଖେଳି ୧୧ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ତାଙ୍କର ସାଥୀ ଆଇଦେନ୍ ମାର୍କରାମ ୨୧ଟି ବଲ୍ ସାମ୍ନା କରି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଋଷଭ ପନ୍ତ ୧୮ ରନ୍ କରିଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। କୋଲକାତା ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରିଥିବା ମୁକୁଲ ଚୌଧୁରୀଙ୍କ ବ୍ୟାଟ ପୂର୍ବଭଳି ଆଜି କାମ କରି ନଥିଲା। ସେ ୧୪ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ ସଂଗ୍ରହ କରିଥିଲେ। ନିକୋଲାସ ପୁରନ ୧୯ ରନ୍ ଏବଂ ଅବଦୁଲ ସାମଦ ୧୮ ରନ୍‌ରେ ସଂଗ୍ରହ କରିଥିଲେ। ଜର୍ଜ ଲିଣ୍ଡେ ୧୬ ରନ୍ ସଂଗ୍ରହ କରିଥିଲେ। ମହମ୍ମଦ ସାମି ୧୨ ରନ୍ ଏବଂ ଆଭେସ ଖାନ୍ ୪ ରନ୍ ସଂଗ୍ରହ କରିଛନ୍ତି।

**ଲକ୍ଷ୍ନୌ ସୁପର ଜାଏଣ୍ଟସ୍ : ୧୬୪/୮ (୨୦ ଓଭର)**

| ବ୍ୟାଟ୍ସମ୍ୟାନ୍ | | ରନ୍ | ବଲ୍ |
|---|---|---|---|
| ଆଦିନ ମାରକ୍ରମ | କ୍ୟା ୱାଶିଂଟନ ବୋ ପ୍ରସିଦ୍ଧ | ୩୦ | ୨୧ |
| ମିଚେଲ ମାର୍ସ | କ୍ୟା ଶୁଭମନ ଗିଲ୍ ବୋ ରାବଡ଼ା | ୧୧ | ୪ |
| ରିଶବ ପନ୍ତ | କ୍ୟା ରାହୁଲ ବୋ ସିରାଜ | ୧୮ | ୧୧ |
| ଆୟୁଷ ବଦୋନି | କ୍ୟା ଗ୍ଲେନ୍ ବୋ ପ୍ରସିଦ୍ଧ | ୯ | ୧୧ |
| ନିକୋଲାସ ପୁରନ | କ୍ୟା ଶୁଭମ୍ ବୋ ପ୍ରସିଦ୍ଧ | ୧୯ | ୨୧ |
| ଅବଦୁଲ ସମଦ | କ୍ୟା ଗ୍ଲେନ ବୋ ଅଶୋକ | ୧୮ | ୨୨ |
| ମୁକୁଲ ଚୌଧୁରୀ | କ୍ୟା ଜୋସ ବୋ ପ୍ରସିଦ୍ଧ | ୧୮ | ୧୪ |
| ଜର୍ଜ ଲିଣ୍ଡେ | କ୍ୟା ଶାହାରୁଖ ବୋ ଅଶୋକ | ୧୬ | ୧୦ |
| ମହମ୍ମଦ ସାମି | ନଟ୍‌ଆଉଟ୍ | ୧୨ | ୫ |
| ଅଭେସ ଖାନ୍ | ନଟଆଉଟ୍ | ୪ | ୧ |
| ଅତିରିକ୍ତ | | ୯ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମହମ୍ମଦ ସିରାଜ | ୪ | ୦ | ୧୯ | ୧ |
| କାଗିସୋ ରାବଡ଼ା | ୪ | ୦ | ୫୪ | ୧ |
| ଅଶୋକ ଶର୍ମା | ୪ | ୦ | ୩୨ | ୨ |
| ପ୍ରସିଦ୍ଧ କ୍ରିଷ୍ଣା | ୪ | ୦ | ୨୮ | ୪ |
| ରସିଦ ଖାନ | ୪ | ୦ | ୨୪ | ୦ |

**ଗୁଜୁରାଟ ଟାଇଟାନ୍ସ : ୧୬୫/୩ (୧୮.୪ ଓଭର)**

| ବ୍ୟାଟ୍ସମ୍ୟାନ୍ | | ରନ୍ | ବଲ୍ |
|---|---|---|---|
| ସାଇ ସୁଦର୍ଶନ | କ୍ୟା ଅଭେଶ ବୋ ଦିଗ୍‌ଭେସ | ୧୫ | ୧୪ |
| ଶୁଭମନ ଗିଲ୍ | କ୍ୟା ରିଶବ ବୋ ପ୍ରିନ୍ସ | ୫୬ | ୪୦ |
| ଜୋସ ବଟଲର | କ୍ୟା ମାକ୍ରାମ ବୋ ମହମ୍ମଦ ସାମି | ୬୦ | ୩୭ |
| ୱାଶିଂଟନ ସୁନ୍ଦର | ନଟ୍‌ଆଉଟ୍ | ୨୧ | ୧୩ |
| ରାହୁଲ ତେୱଟିଆ | ନଟ୍‌ଆଉଟ୍ | ୧୦ | ୮ |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମହମ୍ମଦ ସାମି | ୪ | ୦ | ୩୬ | ୧ |
| ପ୍ରିନ୍ସ ଯାଦବ | ୪ | ୦ | ୩୧ | ୧ |
| ଦିଗଭେସ ସିଂହ ରଥୀ | ୪ | ୦ | ୩୧ | ୧ |
| ଜର୍ଜ ଲିଣ୍ଡେ | ୩ | ୦ | ୨୮ | ୦ |
| ଅଭେସ ଖାନ୍ | ୨ | ୦ | ୨୪ | ୦ |
| ଆଦିଏନ ମାକ୍ରାମ | ୧.୪ | ୦ | ୧୫ | ୦ |

# ୧୭ଟି ପଦକ ସହ ଏସୀୟ କୁସ୍ତି ଚାମ୍ପିୟନସିପ୍ ଅଭିଯାନ ଶେଷ



ବିଶକେକ (ଏଜେନ୍ସି) :ଏସୀୟ କୁସ୍ତି ଚାମ୍ପିୟାନସିପ୍‌ରେ ଭାରତ ସ୍ୱତନ୍ତ୍ରସ୍ଥାନ ବଜାୟ ରଖିପାରିଛି। ଯାହା ଭାରତବାସୀଙ୍କ ପାଇଁ ଖୁସିର ଖବର ଆସିଛି। ଏହି କ୍ରୀଡ଼ାରେ ଭାରତର ସନ୍ତୋଷ ଜନକ ସ୍ଥିତି ପାଇଁ ଭାରତୀୟ କ୍ରୀଡ଼ାବିତମାନଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। କିର୍ଗିଜସ୍ତାନର ବିଶକେକ ଠାରେ ଅନୁଷ୍ଠିତ ଏସୀୟ କୁସ୍ତି ଚାମ୍ପିୟନସିପ୍‌ର ଶେଷ ଦିନରେ ଭାରତ ଦୁଇଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରିବା ସହ ମୋଟ ୧୭ଟି ପଦକ ସହିତ ନିଜର ଅଭିଯାନ ଶେଷ କରିଛି। ପ୍ରତିଯୋଗିତାର ଅନ୍ତିମ ଦିନରେ, ଅଲିମ୍ପିକ୍ ପଦକ ବିଜେତା ଅମନ ସେହରାୱତ୍ ପୁରୁଷ ୬୧ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗରେ ଦକ୍ଷିଣ କୋରିଆର କ୍ୱାଙ୍ଗ ମ୍ୟୋଙ୍ଗ କିମ୍‌ଙ୍କଠାରୁ ୧୦-୧୩ରେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ, ମୁକୁଲ ଦାହିୟା ପୁରୁଷ ୮୬ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗରେ ଦୁଇଥରର ଏସୀୟ ଚାମ୍ପିୟନ ଇରାନର କାମ୍ରାନ ଘାସେମପୁରଙ୍କଠାରୁ ୦-୭ରେ ହାରି ରୌପ୍ୟ ପଦକ ଜିତିଛନ୍ତି। ଏଥିସହିତ ୧୨୫ କିଲୋଗ୍ରାମ ବିଭାଗରେ, ଦିନେଶ ବାହାରିନର ଶାମିଲ ଶାରିପୋଭଙ୍କୁ ୭-୧ରେ ପରାସ୍ତ କରି କାଂସ୍ୟ ପଦକ ନିଜ ନାମରେ କରିଛନ୍ତି। ଏହା ସହିତ ଭାରତ ମୋଟ ୨ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ୮ଟି କାଂସ୍ୟ ପଦକ ସହ ନିଜର ଅଭିଯାନ ସମାପ୍ତ କରିଛି। ପୁରୁଷ ଫ୍ରି-ଷ୍ଟାଇଲ୍ ଦଳ ସାତୋଟି ପଦକ ଅବଦାନ ଦେଇଥିବାବେଳେ, ଗ୍ରେକୋ-ରୋମାନ କୁସ୍ତିଯୋଦ୍ଧାମାନେ ପାଞ୍ଚଟି ଏବଂ ମହିଳା ଦଳ ମୋଟ ସଂଖ୍ୟାରେ ଆଉ ପାଞ୍ଚଟି ପଦକ ଯୋଡ଼ିଛନ୍ତି।

# ଭାରତକୁ ଫେରିବ ଫର୍ମୁଲା ୱାନ୍ ରେସ୍



**ନୂଆଦିଲ୍ଲୀ (ଏଜେନ୍ସି) :** କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ସୋମବାର କହିଛନ୍ତି ଯେ, ୨୦୨୭ରେ ଭାରତକୁ ଫର୍ମୁଲା ୱାନ୍ ରେସ୍ ଫେରିବ। ମାଣ୍ଡଭିୟ ଗଣମାଧ୍ୟମ ସହ ଏକ ଅନୌପଚାରିକ ଆଲୋଚନାରେ କହିଛନ୍ତି ଯେ ଗ୍ରେଟର ନୋଏଡ଼ା ସ୍ଥିତ ବୁଦ୍ଧ ଇଣ୍ଟରନ୍ୟାସନାଲ ସର୍କିଟ୍‌ରେ ଏହି ରେସ୍ ଆୟୋଜନ ପାଇଁ ଅତିକମରେ ତିନୋଟି କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ‘ଭାରତରେ ୨୦୨୭ରେ ଫର୍ମୁଲା ୱାନ୍ ରେସ୍ ଅନୁଷ୍ଠିତ ହେବ। ପ୍ରଥମ ରେସ୍ ବୁଦ୍ଧ ଇଣ୍ଟରନ୍ୟାସନାଲ ସର୍କିଟ୍‌ରେ ଆୟୋଜିତ କରାଯିବ।‘ ଭାରତ ଏହା ପୂର୍ବରୁ ଫର୍ମୁଲା ୱାନ୍ ରେସ୍ ’ଇଣ୍ଡିଆନ୍ ଗ୍ରାଁ ପ୍ରି’ ଆୟୋଜନ କରିସାରିଛି, କିନ୍ତୁ ଟିକସ ଏବଂ ନୋକରସାହି (ଅମଲାତନ୍ତ୍ର) ସମ୍ବନ୍ଧୀୟ ସମସ୍ୟା କାରଣରୁ ୨୦୧୩ରେ ତୃତୀୟ ସଂସ୍କରଣ ପରେ ଏହାକୁ ଫର୍ମୁଲା ୱାନ୍ କ୍ୟାଲେଣ୍ଡରରୁ ହଟାଇ ଦିଆଯାଇଥିଲା। ଲିବର୍ଟି ମିଡିଆର ମାଲିକାନାରେ ଥିବା ଫର୍ମୁଲା ୱାନ୍ ଭାରତକୁ ଏହାର ପ୍ରତ୍ୟାବର୍ତ୍ତନ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହିଁ। ୨୦୧୭ରେ ଲିବର୍ଟି ମିଡିଆ ଦ୍ୱାରା ଅଧିଗ୍ରହଣ କରାଯିବା ପରେ ଏହି ଖେଳର ଲୋକପ୍ରିୟତାରେ ବହୁତ ବୃଦ୍ଧି ଘଟିଛି। ଏଥିରେ ପୂର୍ବରୁ ହିଁ ରେକର୍ଡ ୨୪ଟି ରେସ୍‌ର କ୍ୟାଲେଣ୍ଡର ରହିଛି। ତେବେ ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଏହି ମାସରେ ସାଉଦି ଆରବ ଏବଂ ବାହାରିନରେ ହେବାକୁ ଥିବା ଦୁଇଟି ପର୍ଯ୍ୟାୟକୁ ବାତିଲ କରାଯାଇଛି।

# କୋଲକାତା ବିପକ୍ଷରେ ୩୨ ରନ୍‌ରେ ଜିତିଲା ଚେନ୍ନାଇ



**ଚେନ୍ନାଇ (ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୨ତମ ମ୍ୟାଚ୍‌କୁ ଚେନ୍ନାଇ ସୁପର କିଙ୍ଗ୍‌ସ ଜିତିଛି। ଘରୋଇ ମାଟିରେ ଚେନ୍ନାଇ ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। କୋଲକାତା ଟିମ୍ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୬୦ ରନ୍ କରିପାରିଛି। କୋଲକାତା ପକ୍ଷରୁ ନୁର ଅହମଦ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରିଥିଲେ ଏବଂ ୨୧ ରନ୍ ଖର୍ଚ୍ଚ କରିଥିଲେ। ଅଂଶୁଲ କମ୍ବୋଜଙ୍କୁ ୨ଟି, ଖଲିଲ ଅହମଦ୍ ଏବଂ ଅକିଲ ହୁସେନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ୧୯୩ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା କୋଲକାତାଆରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା। ଆଜିଙ୍କ୍ୟ ରହାଣେଙ୍କ ଦଳ ସ୍କୋର ୧୩ ରନ୍‌ରେ ଫିନ୍ ଆଲେନ୍ ଏବଂ ୨୯ ରନ୍‌ରେ ସୁନୀଲ ନାରାୟଣଙ୍କୁ ହରାଇଥିଲା। ଆଲେନ୍ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲା ବେଳେ ସୁନୀଲ ୧୭ଟି ବଲ୍ ଖେଳି ୨୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୨ଟି ଚୌକା ଏବଂ ୨ଟି ଛକା ସାମିଲ କରିଥିଲେ। ଅଧିନାୟକ ଆଜିଙ୍କ୍ୟ ରହାଣେ ୨୨ଟି ବଲ୍ ଖେଳି ୨୮ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୨ଟି ଛକା ମାରିଥିଲେ। ଅଗ୍ନିକ୍ରିଶଙ୍କ ବ୍ୟାଟରୁ ୨୭ ରନ୍ ମିଳିଥିଲା। ସେ ୧୯ଟି ବଲ୍‌ର ସାମ୍ନା କରି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। କ୍ୟାମରନ ଗ୍ରିନ ଖାତା ଖୋଲି ନପାରି ଆଉଟ୍ ହୋଇଥିଲେ। ରିଙ୍କୁ ସିଂହ ୬ ରନ୍ କରି ଆଉଟ୍ ହୋଇଥିଲେ। ଚେନ୍ନାଇର ଏମ୍.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ମଙ୍ଗଳବାର କୋଲକାତା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଦଳର ସ୍କୋର ୨୫ ରନ୍ ଥିଲା ବେଳେ ପ୍ରଥମ ଝଟକା ଲାଗିଥିଲା। କୋଲକାତାର ପ୍ରଥମ ଶିକାର ହୋଇଥିଲେ ଗାଏକ୍ୱାର୍ଡ। ସେ ମାତ୍ର ୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ୬ଟି ବଲ୍ ଖେଳି ଗୋଟିଏ ଚୌକା ମାରିଥିଲେ। ସାମସନ୍ ଏବଂ ଆୟୁଷ ମହାତ୍ରେ ଦ୍ୱିତୀୟ ୱିକେଟ୍ ପାଇଁ ୪୯ ରନ୍‌ର ଭାଗିଦାରୀ କରିଥିଲେ। ଆୟୁଷ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୩୮ ରନ୍ ସଂଗ୍ରହ କରିଥିଲେ। ସେ ୧୭ଟି ବଲ୍‌ର ସାମ୍ନା କରି ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ। କୋଲକାତାର ତୃତୀୟ ଶିକାର ହେବା ପୂର୍ବରୁ ସଂଜୁ ସାମସନ ବ୍ୟକ୍ତିଗତ ଭାବେ ୪୮ ରନ୍ କରିଥିଲେ। ସେ ୩୨ଟି ବଲ୍ ଖେଳି ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଡେୱାଲ୍‌ଡଙ୍କ ବ୍ୟାଟରୁ ୪୧ ରନ୍ ସଂଗ୍ରହ ହୋଇଥିଲା। ସେ ୨୯ଟି ବଲ୍ ଖେଳି ୪ଟି ଚୌକା ଏବଂ ଟି ଛକା ମାରିଥିଲେ। ସଫରରାଜ ଖାନ ଗୋଟିଏ ଚୌକା ଏବଂ ୨ଟି ଛକା ବଳରେ ୨୩ ରନ୍ କରିଥିଲେ। ଶିଭବ ଦୁବେ ଅପରାଜିତ ୧୩ ରନ୍ ଏବଂ ଜିମି ଓଭରଟନ୍ ଅପରାଜିତ ୭ ରନ୍ ସଂଗ୍ରହ କରିଥିଲେ। କୋଲକାତା ପକ୍ଷରୁ କାର୍ତ୍ତିକ ତ୍ୟାଗୀଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ବୈଭବ ଅରୋଡା, ଅନୁକୁଳ ରୟ ଏବଂ ସୁନୀଲ ନାରାୟଣଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ହକି ବିଶ୍ୱକପ୍ ଏବଂ ଏସୀୟ କ୍ରୀଡ଼ା

# ଦୁଇଟି ଅଲଗା ଅଲଗା ଦଳ ଓହ୍ଲାଇବାକୁ ବିଚାର କରୁଛି ଭାରତ



**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତୀୟ ହକିକୁ ନେଇ ଏକ ବଡ଼ ନିଷ୍ପତ୍ତି ସାମ୍ନାକୁ ଆସିପାରେ। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ୍ ଏବଂ ଏସୀୟ କ୍ରୀଡ଼ା ପାଇଁ ହକି ଇଣ୍ଡିଆ ଅଲଗା ଅଲଗା ଟିମ୍ ଓହ୍ଲାଇବାକୁ ଯୋଜନା କରୁଛି। ସୂତ୍ର ଅନୁଯାୟୀ, ଦୁଇଟି ଯାକ ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଖୁବ୍ କମ୍ ସମୟ ବ୍ୟବଧାନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇପାରେ। ହକି ବିଶ୍ୱକପ୍ ଅଗଷ୍ଟ ୧୫ ରୁ ଅଗଷ୍ଟ ୩୦ ପର୍ଯ୍ୟନ୍ତ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଖେଳାଯିବ। ଏହାର ଠିକ୍ ୨୦ ଦିନ ପରେ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବ। କମ୍ ସମୟ ଯୋଗୁଁ ଖେଳାଳିମାନଙ୍କ ଫିଟନେସ୍ ଏବଂ ପ୍ରସ୍ତୁତି ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ଖେଳ ମନ୍ତ୍ରଣାଳୟର ଜଣେ ସୂତ୍ରରୁ ଜଣାପଡ଼ିଛି, ’ଏସିଆନ୍ ଗେମ୍ସ ୨୦୨୮ ଅଲିମ୍ପିକ୍ସ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ, ତେଣୁ ଆମର ’ଏ’ ଦଳ ସେଠାକୁ ଯିବ।’ ଏହାର ଅର୍ଥ ହେଉଛି ଭାରତ ଏସିଆନ୍ ଗେମ୍ସରେ ନିଜର ଶକ୍ତିଶାଳୀ ଦଳକୁ ଓହ୍ଲାଇପାରେ, ଯେତେବେଳେ କି ବିଶ୍ୱକପ୍ ପାଇଁ ଏକ ଅଲଗା ଦଳ ପଠାଯିବ। ପୁରୁଷ ହକି ବିଶ୍ୱକପ୍‌ରେ ଭାରତ ଏବଂ ପାକିସ୍ତାନକୁ ଏକାଠି ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି। ଦୁଇ ଦଳ ମଧ୍ୟରେ ଏହି ବହୁ ପ୍ରତୀକ୍ଷିତ ମୁକାବିଲା ଅଗଷ୍ଟ ୧୯ ତାରିଖରେ ଖେଳାଯିବ, ଯାହା ଉପରେ ସମସ୍ତଙ୍କର ନଜର ରହିବ। ଭାରତ ଏସୀୟ କ୍ରୀଡ଼ା ୨୦୨୬ ରେ ଉନ୍ନତ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ଗତ ଏସୀୟ କ୍ରୀଡ଼ାରେ ଭାରତ ୧୦୬ଟି ପଦକ ଜିତି ଇତିହାସ ରଚିଥିଲା, ଯାହାକୁ ଏଥର ଅତିକ୍ରମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥର ୭୦୦ ରୁ ଅଧିକ ଭାରତୀୟ ଖେଳାଳି ୪୦ ରୁ ଅଧିକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରନ୍ତି।

# ସମାପ୍ତ ହେଲା ଭାରତୀୟ ଆଥଲେଟିକ୍ସ ସିରିଜ୍-୪



**ରାଞ୍ଚି(ଏଜେନ୍ସି) :** ଇଣ୍ଡିଆନ ଆଥଲେଟିକ୍ସ ସିରିଜ୍-୪ ଗତକାଲି ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ସମାପ୍ତ ହୋଇଛି, ଯେଉଁଥିରେ ଦେଶସାରା ୨୦୦ରୁ ଅଧିକ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଝାଡ଼ଖଣ୍ଡ ଆଥଲେଟିକ୍ସ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ପୁରୁଷ, ମହିଳା ଏବଂ ୨୦ ବର୍ଷରୁ କମ୍ ବର୍ଗର ମୋଟ ୩୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଟ୍ରାକ୍ ଏବଂ ଫିଲ୍‌ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା, ଯେପରିକି ସ୍ପ୍ରିଣ୍ଟ, ମଧ୍ୟମ ଏବଂ ଦୂରଗାମୀ ଦୌଡ଼, ହର୍ଡଲ୍ସ ଏବଂ ବିଭିନ୍ନ ପ୍ରକାରର ଜମ୍ପିଂ ଓ ଥ୍ରୋଇଂ ଇଭେଣ୍ଟ। ରେଳବାଇ ଏବଂ ସେନା ଭଳି ସଂସ୍ଥାର ଆଥଲେଟମାନେ ଏକ ଉଚ୍ଚ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିଥିଲେ, ଯେଉଁଠାରେ ଅନେକ ରୋମାଞ୍ଚକର ଫିନିସିଂ ଦେଖିବାକୁ ମିଳିଥିଲା। ଅଧିକାରୀମାନେ କହିଛନ୍ତି ଯେ, ଆଗାମୀ ଜାତୀୟ ଏବଂ ଆନ୍ତର୍ଜାତୀୟ ପ୍ରତିଯୋଗିତା ପୂର୍ବରୁ ପ୍ରଦର୍ଶନର ମୂଲ୍ୟାଙ୍କନ ପାଇଁ ଏହି କାର୍ଯ୍ୟକ୍ରମ ଏକ ପ୍ରମୁଖ ମାଧ୍ୟମ ଭାବେ କାର୍ଯ୍ୟ କରିଛି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ